ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.39 Bhubaneswar Thursday, March 17, 2022 | ୨୫ତମ ବର୍ଷ ସଂଖ୍ୟା-୩୯ ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟିହେଲା ଲଘୁଚାପ କ୍ଷେତ୍ର

## ୨୧ ତାରିଖ ସୁଦ୍ଧା ନେଇପାରେ ବାତ୍ୟାର ରୂପ

ଭୁବନେଶ୍ୱର, ୧୬।୩(ପି.ଏନ): ଭାରତୀୟ ମହାସାଗର ଓ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବ ବୁଲେଟିନରେ ଏହି ସୂଚନା ଦିଆ ଯାଇଛି । ବୁଲେଟିନରେ କୁହା ଯାଇଛି ଏହା ଧୀରେ ଧୀରେ ପୂର୍ବ ଉତର-ପୂର୍ବ ଦିଗରେ ଗତି କରି ଆସନ୍ତା ୧୯ ତାରିଖ ସୁଦ୍ଧା ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବ । ଏହା ପରେ ଏହା ଉତର-ପଶ୍ଚିମ ଦିଗରେ ଗତି କରିହ ଓ ୨୦ ତାରିଖ ସୁଦ୍ଧା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଉପକୂଳରେ ଏକ ଡିପ୍ରେସନରେ ପରିଣତ ହେବ । ବୁଲେଟିନରେ ଆହୁରି କୁହା ଯାଇଛି ଯେ ଏହା ପରେ ଅର୍ଥାତ ୨୧ ମାର୍ଚ୍ଚ ସୁଦ୍ଧା ଏହା ଆହୁରି ଘନୀଭୂତ ହୋଇ ହୋଇ ଏକ ବାତ୍ୟା ରୂପ ନେବ । ୨୨ ତାରିଖ ପର୍ଯ୍ୟନ୍ତ ଏହା ଉତର ଉତର-ପଶ୍ଚିମ ଦିଗରେ ଗତି କରିବ ଓ ଧୀରେ ଧୀରେ ଉତର-ପୂର୍ବ ଦିଗରେ ଗତି କରି ୨୩ ତାରିଖ ବାଂଲାଦେଶ ଓ ମିଆଁମାର ଉପକୂଳରେ ପହଂଚିବ ।

## ତାତି ଡେଇଁଲା ୪୦ ଡିଗ୍ରୀ, ବଲାଙ୍ଗିର ସବୁଠୁ ଉତ୍ତପ୍ତ ସହର



ଭୁବନେଶ୍ୱର, ୧୬।୩(ପି.ଏନ): ତାତି ଡେଇଁଲା ୪୦ ଡିଗ୍ରୀ। ଆଜି ରାଜ୍ୟର ୩ଟି ସହର ଦିନର ତାପମାତ୍ରା ୪୦ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଛି। ୪୦.୫ ଡ଼ିଗ୍ରୀ ସହ ବଲାଙ୍ଗିର ରାଜ୍ୟର ଉତ୍ତପ୍ତ ସହର। ଟିଟଲାଗଡରେ ୪୦.୨ ଡିଗ୍ରୀ ଓ ଅନୁଗୋଳରେ ତାପମାତ୍ରା ୪୦.୦ ଡିଗ୍ରୀ ରେକର୍ଡ କରାଯାଇଛି ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁସାରେ ବାଲେଶ୍ୱରରେ ତାପମାତ୍ରା ୩୫.୦ ଡିଗ୍ରୀ, ଚାନ୍ଦବାଲିରେ ୩୭.୫ ଡିଗ୍ରୀ, କଟକରେ ୩୮.୦ ଡିଗ୍ରୀ, ପାରାଦୀପରେ ୩୨.୬ ଡିଗ୍ରୀ, ଭୁବନେଶ୍ୱରରେ ୩୭.୬ ଡିଗ୍ରୀ, ଗୋପାଳପୁରରେ ୩୨.୧ ଡିଗ୍ରୀ, ପୁରୀରେ ୩୩.୦ ଡିଗ୍ରୀ ଓ ବାରିପଦାରେ ୩୯.୪ ଡିଗ୍ରୀ ରେକର୍ଡ କରାଯାଇଛି ।ସେହିପରି ଝାରସୁଗୁଡାରେ ୩୯.୬ ଡିଗ୍ରୀ, କେନ୍ଦୁଝରଗଡରେ ୩୬.୬ ଡିଗ୍ରୀ, ସମ୍ବଲପୁରରେ ୩୯.୦ ଡିଗ୍ରୀ, ସୁନ୍ଦରଗଡରେ ୩୮.୦ ଡିଗ୍ରୀ, ହୀରାକୁଦରେ ୩୮.୧ ଡିଗ୍ରୀ, ତାଳଚେରରେ ୩୮.୦ ଡିଗ୍ରୀ, ଭବାନୀପାଟଣାରେ ୩୮.୫ ଡିଗ୍ରୀ, କୋରାପୁଟରେ ୩୬.୦ ଡିଗ୍ରୀ, ଫୁଲବାଣୀରେ ୩୭.୮ ଡିଗ୍ରୀ, ମାଲକାନଗିରିରେ ୩୬.୫ ଡିଗ୍ରୀ, ସୋନପୁରରେ ୩୯.୦ ଡିଗ୍ରୀ, ଦାରିଙ୍ଗବାଡିରେ ୩୪.୫ ଡିଗ୍ରୀ, ବୌଦ୍ଧରେ ୩୯.୦ ଡିଗ୍ରୀ, ଛତ୍ରପୁରରେ ୩୪.୦ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୫.୦ ଡିଗ୍ରୀ, ଭଦ୍ରକରେ ୩୮.୨ ଡିଗ୍ରୀ ଓ ଯାଜପୁରରେ ୩୮.୨ ଡିଗ୍ରୀ ସେଲ୍ ସିୟସ୍ ରେକର୍ଡ କରାଯାଇଛି।







ନୂଆଦିଲ୍ଲୀର ଯନ୍ତର ମନ୍ତର ଠାରେ ମାର୍ଚ୍ଚ ୩୦ ତାରିଖରେ ୱାର୍କିଂ ଜୋର୍ନାଲିଷ୍ଟ ଅଫ୍ ଇଣ୍ଡିଆର ସଭାପତି ଅନୁପ ଚୌଧୁରୀ ଓ ମହାସଚିବ ନରେନ୍ଦ୍ର ଭଣ୍ଡାରିଙ୍କ ନେତୃତ୍ୱରେ ଅନେକ ରାଷ୍ଟ୍ରୀୟ ଏବଂ ରାଜ୍ୟସ୍ତରୀୟ ସାମ୍ବାଦିକ ସଂଘମାନଙ୍କ ଏକ ମହା ପ୍ରଦର୍ଶନ ଓ ଗଣଧାରଣା ଅନୁଷ୍ଠିତ ହେବ

### ମାତିଲେ କଂଗ୍ରେସର ଜି-୨୩ ନେତା, ଆଜାଦଙ୍କ ଘରେ ମେଳି

ନୂଆଦିଲ୍ଲୀ, ୧୬।୩(ପି.ଏନ) ନିର୍ବାଚନ ବିପର୍ଯ୍ୟୟ ପରେ ସକ୍ରିୟ ହୋଇ ଉଠିଛନ୍ତି କଂଗ୍ରେସ ବିଦ୍ରୋହୀ ଗୋଷ୍ଠୀ। ଜି-୨୩ ନାଁରେ ପରିଚିତ ଏହି ବିଦ୍ରୋହୀମାନେ ଆଜି ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦଙ୍କ ବାସଭବନରେ ଏକାଠି ହୋଇଛନ୍ତି। ଦିଲ୍ଲୀ ସ୍ଥିତି ଆଜାଦଙ୍କ ବାସଭବନରେ ଏମାନେ ବୈଠକ କରି କଂଗ୍ରେସର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଛନ୍ତି ।ନିକଟରେ ଶେଷ ହୋଇଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସର ବିପର୍ଯ୍ୟୟ ପରେ ଜି-୨୩ ନେତାମାନେ ପ୍ରଥମଥର ପାଇଁ ଏପରି ମେଳି କରିଛନ୍ତି। ତେଣୁ ଏହାର ଗୁରୁତ୍ୱ ବେଶ ଅଧିକ ରହିଛି। ଆଜିର ଜି-୨୩ ବୈଠକରେ ଆନନ୍ଦ ଶର୍ମା, କପିଲ ଶିବଲ, ମନୀଷ ତିୱାରୀ, ଭୂପିନ୍ଦର ହୁଡ୍ଡା, ଅଖିଳେଶ ପ୍ରତାପ ସିଂହ ଓ ପୃଥ୍ୱୀରାଜ ଚୌହାନଙ୍କ ଭଳି ପ୍ରମୁଖ ନେତା ଉପସ୍ଥିତ ରହିଛନ୍ତି ।ଏମାନେ ସମସ୍ତେ ୫ ରାଜ୍ୟର ବିପର୍ଯ୍ୟୟ ପରେ ନେତୃତ୍ୱ ପରିବର୍ତ୍ତନ ସମ୍ପର୍କରେ ମତ ରଖିଥିଲେ। ଏପରି କି କପିଲ ଶିବଲ ସିଧାସଳଖ ରାହୁଲ ଗାନ୍ଧିଙ୍କୁ ଟାର୍ଗେଟ କରିଥିଲେ। ପ୍ରଥମେ ଆଜିର ବୈଠକ କପିଲ ଶିବଲଙ୍କ ଘରେ ହେବାର ଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହା ଆଜାଦଙ୍କ ବାସଭବନକୁ ସ୍ଥାନାନ୍ତରଣ କରାଯାଇଛି ।କପିଲ ଶିବଲ କହିଥିଲେ ଯେ "ଗାନ୍ଧି ପରିବାର ସ୍ୱେଚ୍ଛାକୃତ ଭାବେ ଦାୟିତ୍ୱ ଛାଡି ଦେବା ଦରକାର। କାରଣ ସିଡବ୍ଲ୍ୟୁସିରେ ସଦସ୍ୟମାନେ କେବେ ହେଲେ ଗାନ୍ଧି ପରିବାରକୁ ଦାୟିତ୍ୱରୁ ମୁକ୍ତ କରିବା ପାଇଁ କହି ପାରିବ ନାହିଁ।"ଏହି ବୟାନ ପରେ ବେଶ ବାଦବିବାଦ ଦେଖିବାକୁ ମିଳିଛି।

## ଗୋଟିଏ ଦିନରେ ୮୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୬।୩(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୮୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୬୮୫୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୬୯୩୪ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୫୦ ରହିଛି । ଆଜି ଚିହ୍ନଟ ହୋଇଥିବା ୮୦ ଜଣଙ୍କ ମଧ୍ୟରୁ ୪୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲାରୁ ସବୁଠାରୁ ଅଧିକ ୧୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବରଗଡ ଜିଲ୍ଲାର ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ତଥା ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । ଦେବଗଡ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୯ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ନୂଆପଡା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ପୁରୀ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ରାୟଗଡ଼ା ଜିଲ୍ଲାର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ସୁନ୍ଦରଗଡ଼ରୁ ୬, ଷ୍ଟେଟ୍ ପୁଲରୁ ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଯନ୍ତ୍ରୀଙ୍କ ଫ୍ରିଜ୍ ଭିତରୁ ବାହାରିଲା ବିଡା ବିଡା ଟଙ୍କା



କଟକ ,୧୬।୩(ପି.ଏନ): ଫ୍ରିଜ୍ ଭିତରୁ ବାହାରିଲା ବିଡା ବିଡା ଟଙ୍କା। କଥାଟି ବିଶ୍ୱାସ୍ ହେଉନଥିଲେ ମଧ୍ୟ ସମ୍ପୂର୍ଣ୍ଣ ସତ। ଐତିହାସିକ ସହର କଟକରୁ ଆସିଛି ଏପରି ଅଭିଯୋଗ। କଟକ ଡ୍ରେନେଜ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ ମନୋଜ ବେହେରାଙ୍କ ଘରେ ଭିଜିଲାନ୍ସ ଚ଼ଢ଼ଉ କରି ୩ ଲକ୍ଷ ୩୧ ହଜାରରୁ ଅଧିକ ନଗଦ ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ସେଥିରୁ ୭୫ ହଜାର ୫ ଶହ ଟଙ୍କା ଫ୍ରିଜ୍ ଭିତରୁ ଭିଜିଲାନ୍ସ ଜବତ କରିଥିବା ଜଣାପଡିଛି ।ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ଭିଜିଲାନ୍ସ ବିଭାଗର ୪ ଡିଏସ୍‌ପି, ୮ ଇନ୍ସପେକ୍ଟରଙ୍କ ସମେତ ୪୦ ଭିଜିଲାନ୍ସ ଅଧିକାରୀ ଡ୍ରେନେଜ୍ ଡିଭିଜନ୍ ନିର୍ବାହୀ ଯନ୍ତ୍ରୀ ମନୋଜ ବେହେରାଙ୍କ ଘରେ ଚ଼ଢ଼ଉ କରିଥିଲେ। ଭିଜିଲାନ୍ସ ଟିମ୍ ଏକକାଳୀନ କଟକ ମହାନଦୀ ବିହାରସ୍ଥିତ ତାଙ୍କର ଦୁଇ ମହଲା କୋଠା, ଗଣ୍ଡରପୁରସ୍ଥିତ ଅଫିସ, ନେମାଳ ସ୍ଥିତ ପୈତୃକ ବାସଭବନ ଓ ଭୁବନେଶ୍ୱର ଉପକଣ୍ଠ ପାହାଲ ସ୍ଥିତ ତାଙ୍କ ସ୍ତ୍ରୀଙ୍କ ନାଁରେ ଥିବା ଘରେ ଏକକାଳୀନ ଚଢ଼ଉ କରିଥିଲା। ଚଢ଼ଉ ବେଳେ ମନୋଜଙ୍କ ଘରୁ ୩ ଲକ୍ଷ ୩୧ ହଜାର ଅଧିକ ନଗଦ ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ସେହିଭଳି ୪୮୦ ଗ୍ରାମ ସୁନା ଜବତ ସହ କଟକ ଓ ଭୁବନେଶ୍ୱରରେ ୬ଟି ପ୍ଲଟ୍ ମଧ୍ୟ ଠାବ କରିଛି ଭିଜିଲାନ୍ସ।

## ରାଜଧାନୀରେ ମାତିଲେ ଲୁଟେରା, ଫାୟାରିଂ କରି ସୁନା ଦୋକାନରୁ ଲୁଟି ନେଲେ



ଭୁବନେଶ୍ୱର,୧୬।୩(ପି.ଏନ): ଦିନ ଦ୍ୱିପ୍ରହରରେ ରାଜଧାନୀରେ ଥିବା ଏକ ଜୁଏଲାରୀରୁ ଲକ୍ଷାଧୀକ ଟଙ୍କାର ଅଳଙ୍କାର ଲୁଟି ନେଲେ ଦୁର୍ବୃତ୍ତ। କେବଳ ସେତିକି ନୁହେଁ ଫାୟାରିଂ କରି ଚ଼ମ୍ପଟ୍ ବି ମାରିଲେ । ଭୁବନେଶ୍ୱର ଉପକଣ୍ଠ ଯାଆଁଳରେ ଘଟିଛି ଏପରି ଅଭାବନୀୟ କାଣ୍ଡ ।ଆଜି ପ୍ରାୟ ମଧ୍ୟାହ୍ନ ସମୟରେ ଯାଆଁଳ ଫାଣ୍ଡି ନିକଟରେ ଥିବା ସାଗରିକା ଜୁଏଲାରୀ ନିକଟରେ ୨ ଦୁର୍ବୃତ୍ତ ଏକ ବାଇକ୍‌ରେ ପହଞ୍ଚିଥିଲେ। ଉଭୟ ଜୁଏଲାରୀରେ ପ୍ରବେଶ କରି କିଛି କେମିକାଲ ସ୍ପ୍ରେ କରି ସୁନା ଗହଣା ଲୁଟିବା ଆରମ୍ଭ କରିଥିଲେ। ଏହି ସମୟରେ ମାଲିକଜଣକ ସାଇରନ ବଟମ୍ ମାରିଦେବାରୁ ଆଖପାଖ ଲୋକ ଦୌଡି ଆସିଥିଲେ। ଏହା ଦେଖି ୨ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ବନ୍ଧୁକ ଧରିଥିବା ବେଳେ ଫାୟାରିଂ କରିବା ଆରମ୍ଭ କଲା। ଲୋକେ ଭୟଭୀତ ହୋଇ ଘଟଣାସ୍ଥଳରୁ ଦୌଡି ପଳାଇଥିବା ବେଳେ ଚ଼ମ୍ପଟ୍ ମାରିଛନ୍ତି ଲୁଟେରା । ପୁଲିସ୍ ତଦନ୍ତ ଆରମ୍ଭ କରିଛି।

## ଅଫିସ ଭିତରୁ ମିଳିଲା ନଗଦ ୩୦ କୋଟି ଟଙ୍କା

ନୂଆଦିଲ୍ଲୀ, ୧୬।୩(ପି.ଏନ): ରିୟଲି ଷ୍ଟେଟ କମ୍ପାନୀ ଓମାକ୍ସ ଲିଃର ଠିକଣାରୁ ଜବତ ହୋଇଛି ନଗଦ ୩୦ କୋଟି ଟଙ୍କା। ଆୟକର ବିଭାଗ କମ୍ପାନୀର ବିଭିନ୍ନ ଠିକଣାରେ ରେଡ କରୁଥିବା ବେଳେ ଏବେ ଏତେ ପରିମାଣର ନଗଦ ଟଙ୍କା ଜବତ ହୋଇଛି । ସୋମବାର ଆୟକର ବିଭାଗର ଅଧିକାରୀମାନେ ଓମାକ୍ସ ଲିଃର ବିଭିନ୍ନ ଠିକଣାରେ ରେଡ କରିଥିଲେ। ଏହି ସମୟରେ ୩୦ଟି ଲକର ମିଳିଥିଲା। ଏହାପରେ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ଖୋଲା ଯାଇଥିଲା। ଏହି ଲକର ଗୁଡିକ ମଧ୍ୟରୁ ପ୍ରାୟ ୩୦ କୋଟିର ନଗଦ ଟଙ୍କା ମିଳିଛି ।ମିଳିଥିବା ସୂଚନା ଅନୁଯାୟୀ, ସୋମବାର କମ୍ପାନୀର ନୋଏଡା, ଫରିଦାବାଦ, ଗୁରୁଗ୍ରାମ ଓ ଦିଲ୍ଲୀରେ ଥିବା ୨୮ଟି ଠିକଣା ଉପରେ ଏକକାଳୀନ ରେଡ କରାଯାଇଥିଲା। ମଙ୍ଗଳବାର ରାତି ସୁଦ୍ଧା ଆୟକର ବିଭାଗର ଅଧିକାରୀମାନେ ୨୦ କୋଟିର ନଗଦ ଟଙ୍କା ଜବତ କରିଥିଲେ। ଏବେ ଏହା ୩୦ କୋଟି ଟଙ୍କା ଟପିଥିବା ଖବର ମିଳିଛି ।ଏବେ ବି ଯାଞ୍ଚ ଚାଲିଥିବାରୁ ଅଧିକ ନଗଦ ଟଙ୍କା ଓ ଅନ୍ୟାନ୍ୟ ଦସ୍ତାବିଜ ମିଳିବାର ସମ୍ଭାବନା ରହିଛି। କମ୍ପାନୀର ବିଭିନ୍ନ ଆକାଉଣ୍ଟ ଓ ଟ୍ରାଞ୍ଜାକସନ ଜନିତ କାଗଜପତ୍ରକୁ ମଧ୍ୟ ଜବତ କରାଯାଇଛି । ୨୦୦ କୋଟିର ବେନାମୀ ନେଣଦେଣ କମ୍ପାନୀ ଆକାଉଣ୍ଟରୁ ହୋଇଥିବା ଆୟକର ବିଭାଗର ଜାଣିବାକୁ ପାଇଛି। ଆୟକର ବିଭାଗ କମ୍ପାନୀ ୩ରୁ ୪ ବର୍ଷ ମଧ୍ୟରେ କରିଥିବା ଟ୍ରାଞ୍ଜାକସନର ଯାଞ୍ଚ କରିଛି। ଏଥିସହ ରେଡ ବେଳେ ଅଫିସଗୁଡିକରେ ଉପସ୍ଥିତ ଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ବୟାନ ରେକର୍ଡ କରାଯାଇଛି।

## ୫-ଟି ଆଧାରରେ ଅଧିକ ଜନ-କୈନ୍ଦ୍ରିକ ଓ ରୂପାନ୍ତରିତ ମୋଡେଲ୍ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୩(ପି.ଏନ): ଓଡ଼ିଶାର ଯୁଗ୍ମ ଜଙ୍ଗଲ ପରିଚାଳନା (ଜେ.ଏଫ୍.ଏମ୍.) ମୋଡ୍ରେଲ ବିଷୟରେ ଆଜି ଏକ ଦିନିକିଆ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଉଦ୍ଘାଟନ କରି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଓଡ଼ିଶାର ଜେ.ଏଫ୍.ଏମ୍ କୌଶଳ ଏକ ସଫଳ ମୋଡ୍ରେଲ ଭାବେ ପ୍ରମାଣିତ ହୋଇଛି । ବିକେନ୍ଦ୍ରୀକୃତ ଜଙ୍ଗଲ ପରିଚାଳନା, କ୍ଷେତ୍ରସ୍ତରୀୟ ସମନ୍ୱୟ ଏବଂ ଲୋକମାନଙ୍କର ସକ୍ରିୟ ସହଯୋଗ ଯୋଗୁ ବିଗତ ବର୍ଷମାନଙ୍କରେ ଲଗାତାରଭାବେ ଜଙ୍ଗଲର ପରିସର, ଘନତା ଏବଂ ବନ୍ୟ-ଜନ୍ତୁରେ ବୃଦ୍ଧି ଘଟିଛି । ସରକାରଙ୍କ ପ୍ରଗତିଶୀଳ ଯୋଜନା ଏବଂ ସଚେତନତା କାର୍ଯ୍ୟକ୍ରମ ଲୋକମାନଙ୍କ ମନରେ ଜଙ୍ଗଲ ପ୍ରତି ଅଧିକ ଆବେଗ ଓ ଆକର୍ଷଣ ସୃଷ୍ଟି କରିଛି । ଏପରିକି ଅଭୟାରଣ୍ୟର ଆଭ୍ୟନ୍ତର ଅଂଚଳରେ ବାସ କରୁଥିବା ପରିବାରମାନେ ସ୍ୱେଚ୍ଛାକୃତଭାବେ ସରକାରଙ୍କ ଯୋଜନା ଗ୍ରହଣ କରି ଅଭୟାରଣ୍ୟ ବାହାରେ ଘର କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ଶ୍ରୀ ମହାପାତ୍ର ଆହୁରି ମଧ୍ୟ କହିଥିଲେ ଯେ ଜଙ୍ଗଲ ସଂପଦର ସୁରକ୍ଷା ଏବଂ ବନୀକରଣକୁ ନୂଆ ଜିବୀକା ନିର୍ବାହ ଉତ୍ସଭାବେ ବିକଶିତ କରାଗଲେ ସ୍ଥାନୀୟ ଲୋକମାନଙ୍କର ଜଙ୍ଗଲପ୍ରତି ଥିବା ଆବେଗାତ୍ମକ ବନ୍ଧନ ବହୁଗୁଣିତ ହେବ । ସେମାନେ ନିଜେ ନିଜେ ଜଙ୍ଗଲ ସୁରକ୍ଷାର ସ୍ୱେଚ୍ଛାସେବୀ ସୈନିକଭାବେ କାର୍ଯ୍ୟ କରିବେ । ସ୍ଥାନୀୟ ବାସିନ୍ଦାଙ୍କର ଜୀବିକାକୁ ଭିତିକରି. ୫-ଟି ଆଧାରରେ ଜେ.ଏଫ୍.ଏମ୍.ର ଅଧିକ ଜନ-କେନ୍ଦ୍ରିକ ଏବଂ ରୂପାନ୍ତରିତ ମୋଡେଲ୍ ପ୍ରସ୍ତୁତ କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ବନୀକରଣ କାର୍ଯ୍ୟରେ ବନ ସଂରକ୍ଷଣ ସମିତିର ନିୟୋଜନ, ଜଙ୍ଗଲ ଉତ୍ପାଦ ଦ୍ରବ୍ୟରେ ସ୍ଥାନୀୟ ବାସିନ୍ଦାଙ୍କର ଅଧିକାର ନିର୍ଣ୍ଣୟ, ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ, ସେସବୁର ଲାଭଜନକ ବିପଣୀ ସଂଯୋଗ, ପ୍ରକୃତି-ପର୍ଯ୍ୟଟନ, ପରିଚାଳିତ ଜଙ୍ଗଲ ଭ୍ରମଣ, ଜଳାଶୟରେ ନୌ-ବିହାର ଆଦି ମାଧ୍ୟମରେ ଅଧିକରୁ ଅଧିକ ଜୀବିକା ନିର୍ବାହ ଉପାୟମାନ ନୂତନ ଜେ.ଏଫ୍.ଏମ୍. କୌଶଳରେ ସାମିଲ କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ବନ ସଂରକ୍ଷଣ ସମିତି ଓ ଗ୍ରାମ ସମୁଦାୟ ସହ ନିୟମିତ ସିଧାସଳଖ ଆଲୋଚନା କରି ସେମାନଙ୍କର ସାଧାରଣ ସମସ୍ୟା ବିଷୟରେ ଜାଣିବା ସହ ସଂପୃକ୍ତ ବିଭାଗ ସହ ସମନ୍ୱୟ ମାଧ୍ୟମରେ ତାହାର ଆଶୁ ସମାଧାନ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ କ୍ଷେତ୍ରସ୍ତରୀୟ ଜଙ୍ଗଲ ଓ ପରିବେଶ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ହେଲେ ଲୋକମାନଙ୍କର ଜଙ୍ଗଲ ପରିଚାଳନା ବ୍ୟବସ୍ଥା ଉପରେ ଭରଷା ବଢ଼ିବ । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ମୋନା ଶର୍ମା କହିଥିଲେ ଯେ ଜେ.ଏଫ୍.ଏମ୍. ରୁ ପ୍ରାପ୍ତ ଉତ୍ସାହଜନକ ଫଳାଫଳ ଭିତିରେ "ଜେ.ଏଫ୍.ଏମ୍. ପ୍ଲସ୍ ପ୍ଲସ୍" ପରିଚାଳନା ପଦ୍ଧତି ସ୍ଥିର କରାଯିବ । ଏଥିରେ "ସ୍ଥାନୀୟ ବାସିନ୍ଦାଙ୍କର ସଶକ୍ତିକରଣ ଓ ସହଭାଗିତା ଏବଂ ଜିବୀକା ନିର୍ବାହ ଆଦି ବିଷୟକୁ ଅଗ୍ରାଧିକାର ଦିଆଯିବ" ବୋଲି ମଧ୍ୟ ଡ଼ଃ ଶର୍ମା କହିଥିଲେ । ସ୍ୱାଧୀନ ତୃତୀୟ ପକ୍ଷଙ୍କ ଦ୍ୱାରା କରାଯାଇଥିବା ଜେ.ଏଫ୍.ଏମ୍-ଓଡ଼ିଶା ଅଧ୍ୟୟନର ଫଳାଫଳ ବିଷୟରେ ସୂଚନା ଦେଇ ଜଙ୍ଗଲ ବିଭାଗ ମୁଖ୍ୟ ଅଧିକାରୀ ଶ୍ରୀ ଶିଶିର କୁମାର ରଥୋ କହିଥିଲେ ଯେ ବର୍ତମାନ ପର୍ଯ୍ୟନ୍ତ ରାଜ୍ୟର ୩୦ ଟି ଜିଲ୍ଲାରେ ୧୪,୨୨୨ ଟି ବନ ସଂରକ୍ଷଣ ସମିତି ଏବଂ ପରିବେଶ ଉନ୍ନୟନ କମିଟି ଗଠନ କରାଯାଇଛି । ଏହି ସମିତିମାନେ ପ୍ରାୟ ୧୨,୧୯୨ ବର୍ଗ କି.ମି. ଜଙ୍ଗଲର ରକ୍ଷଣାବେକ୍ଷଣରେ ସାମିଲ ଅଛନ୍ତି । ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଯୋଗୁ ଜଙ୍ଗଲ ଉପରେ ବିଭିନ୍ନ କାରଣ ବଶତଃ ପଡୁଥିବା ଚାପରେ ୭୦ % ହ୍ରାସ ଘଟିଛି । ବନାଗ୍ନୀ, କାଠଚୋରି, ଜଙ୍ଗଲରେ ଗାଇଗୋରୁ ଚରାଇବା ଆଦି ଧ୍ୱଂଶକାରୀ ପ୍ରଭାବ ୫୦ % ହ୍ରାସ ପାଇଛି । ଏହା ଫଳରେ ପ୍ରାକୃତିକ ଉପାୟରେ ଗଜାରୁ ଗଛ ହେବା, ବୃକ୍ଷ ଅବାଧରେ ବଢ଼ିବା, ଅଧିକ ଜଙ୍ଗଲ-ଜାତ ଦ୍ରବ୍ୟ ସଂଗ୍ରହ ହେବା ବନୀକରଣ ଓ ବନ ସୁରକ୍ଷା ଓ ପ୍ରକୃତି ପର୍ଯ୍ୟଟନ ଆଦି କାର୍ଯ୍ୟ ମାଧ୍ୟମରେ ଲୋକମାନଙ୍କୁ ଅଧିକ ରୋଜଗାର ମିଳିବା ଆଦି ସମ୍ଭବ ହୋଇଛି ବୋଲି ମଧ୍ୟ ଶ୍ରୀ ରଥୋ କହିଥିଲେ । ଆଲୋଚନା ଚକ୍ରରୁ ପ୍ରାପ୍ତ ପରାମର୍ଶ ଓ ପୂର୍ବ ଅଭିଜ୍ଞତା ଆଦି ଭିତିରେ ଜେ.ଏଫ୍.ଏମ୍. ପ୍ଲସ୍ ପ୍ଲସ୍ ପଦ୍ଧତି ଶିଘ୍ର ପ୍ରସ୍ତୁତ କରିବା ପାଇଁ ବିଶେଷଜ୍ଞମାନେ ମତ ଦେଇଥିଲେ । ଅଣୁ-କାର୍ଯ୍ୟଯୋଜନା ଗୁଡିକ ପ୍ରସ୍ତୁତ କରି ଆଗାମୀ ବର୍ଷ ସୁଦ୍ଧା ଏହି ନୂଆ ସହଭାଗିତା ଭିତିକ ଜଙ୍ଗଲ ପରିଚାଳନା ପଦ୍ଧତିକୁ ସାରା ରାଜ୍ୟରେ ପ୍ରଣୟନ କରିବା ପାଇଁ ସ୍ଥିର ହୋଇଥିଲା । ସମୁଦାୟ ଆଲୋଚନା ଚକ୍ରଟି ତିନିଟି ବୈଠକରେ ଅନୁଷ୍ଠିତ ହୋଇଥିଲା । ଉଦ୍ଘାଟନୀ ବୈଠକ ପରେ ପରେ ନିର୍ଦ୍ଦିଷ୍ଟ ବିଷୟ ଭିତିକ ଦୁଇଟି ବୈଠକ ବସିଥିଲା । ଏଥିରେ ସହଭାଗିତା ଭିତିକ ଜଙ୍ଗଲ ପରିଚାଳନା ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ନିମନ୍ତେ ଅଧିକରୁ ଅଧିକ ରୋଜଗାର ସୁଯୋଗ ସୃଷ୍ଟି ଆଦି ବିଷୟରେ ମୁଖ୍ୟତଃ ଆଲୋଚନା ହୋଇଥିଲା । ବନ ପରିଚାଳନା ବିଶେଷଜ୍ଞ ସୁରେଶ ଚନ୍ଦ୍ର ମହାନ୍ତି, ଆଶୁତୋଷ ସାମନ୍ତ ସିଂହାର, ସିଦ୍ଧାନ୍ତ ଦାସ, ସୁଶିଲ କୁମାର ପୋପିଲ୍, ମୀତା ବିଶ୍ୱାଳ, ସଞ୍ଜୀବ କୁମାର ଚଢ଼ା, ସନ୍ଦୀପ ତ୍ରିପାଠୀ, ପ୍ରଦୀପ ରାଜ କରାଟ୍, ରାଜୀବ କୁମାର, ମନୋଜ ମହାପାତ୍ର, ପ୍ରକାଶ ଚାନ୍ଦ, ଏବଂ ଏସ୍ ଆନନ୍ଦ ପ୍ରମୁଖ ସହଭାଗିତା ଭିତିକ ପରିଚାଳନାର ବିଭିନ୍ନ ଦିଗ ଉପରେ ସୁଚିନ୍ତିତ ବିଶ୍ଳେଷଣ ଉପସ୍ଥାପନ କରିଥିଲେ ।

## ଦୁଇ ଦୃଷ୍ଟିହୀନ ଛାତ୍ରୀ ମଥୁରାରୁ ମିଳିଲେ : ଆଣିବାକୁ ଯିବ କମିସନରେଟ ପୁଲିସ

ଭୁବନେଶ୍ୱର ,୧୬।୩(ପି.ଏନ): ଭୁବନେଶ୍ୱରର ନିଖୋଜ ହୋଇଯାଇଥିବା ଦୁଇ ଜଣ ଦୃଷ୍ଟିହୀନ ଛାତ୍ରୀଙ୍କୁ ଉତ୍ତରପ୍ରଦେଶ ମଥୁରାରୁ ଠାବ କରାଯାଇଛି । । ମଥୁରା ଷ୍ଟେସନରୁ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ରେଲୱେ ପୁଲିସ ଦୁଇ ଜଣଙ୍କୁ ହେପାଜତରେ ରଖିଛି । ଏବେ ଏହି ଦୁଇ ଛାତ୍ରୀଙ୍କୁ ଆଣିବାକୁ ଉତ୍ତରପ୍ରଦେଶର ମଥୁରାକୁ କମିସନରେଟ ପୁଲିସର ଏକ ଟିମ ଯିବ ବୋଲି ଜଣାପଡିଛି । ଉଲ୍ଲେଖନୀୟ ଯେ ସୋମବାର ଦିନ ଭୁବନେଶ୍ୱର ଉପକଣ୍ଠ ଏକ ଗାଁର ଛାତ୍ରୀ ନିଜ ଘରୁ ବିଶ୍ୱବିଦ୍ୟାଳୟକୁ ଆସିଥିଲେ। କ୍ଲାସ ଶେଷ ହେବା ପରେ ସେ ଅପରାହ୍ନରେ ଘରକୁ ଫେରନ୍ତି। ହେଲେ ଆଉ ଘରକୁ ଫେରି ନ ଥିଲେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକ ତାଙ୍କ ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିଥିଲେ। ହେଲେ ସେମାନେ କେହି କିଛି କହିପାରି ନ ଥିଲେ।








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଯୋଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଯଟକଙ୍କ ଭିଡ। ଏହି ଉଦେଣ୍ଯୋଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଯରେ ସାହାଯଣ୍ଯ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଯାଳୟରେ ସ୍ନାଉକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଯତୀତ ଅନଣ୍ଯ ରାଜଣ୍ଯରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଯାରେ ପର୍ଯଣ୍ଯଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଯଟକଙ୍କ ବର୍ଦ୍ଧିତ ସଂଖଣ୍ଯାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଯ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଯଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଯଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଯଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଯାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଯ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଯଟକଙ୍କ ଭିଡକୁ ଲକ୍ଷଣ୍ଯ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଯ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଯବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଯତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଯାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଯ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଯ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଯ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଯାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଯ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଯୁନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।


# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଦୋଳ ପର୍ବ ଓ ଶ୍ରୀକୃଷ୍ଣ







ଐତିହ୍ୟ ପରମ୍ପରାର ରାଷ୍ଟ୍ର ଭାରତରେ ବହୁ ପ୍ରାଚୀନ କାଳରୁ ହୋଲି ଓ ଦୋଳ ପର୍ବ ପାଳିତ ହୋଇଆସୁଛି। ଭଗବାନ କୃଷ୍ଣ ମଧ୍ୟ ଶ୍ରୀରାଧା ଓ ଗୋପୀଙ୍କ ସହ ରଙ୍ଗ ଖେଳୁଥିଲେ ବୋଲି ପୁରାଣରେ ବର୍ଣ୍ଣିତ ରହିଛି। ସେହିପରି ଫାଲଗୁନ ପୂର୍ଣ୍ଣିମା ଦିନ ପାଳିତ ହେଉଥିବା ଦୋଳ ପର୍ବ ଓଡ଼ିଶାର ପରମ୍ପରା ଓ ଇତିହାସ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଦୋଳପୂର୍ଣ୍ଣିମାର ପାଞ୍ଚଦିନ ପୂର୍ବରୁ ପଞ୍ଚୁ ଦୋଳ ଏବଂ ଦୋଳ ପୂର୍ଣ୍ଣିମା ପରେ ମଧ୍ୟ କେତେକ ସ୍ଥାନରେ ଏହି ପର୍ବ ପାଳିତ ହୋଇଥାଏ। ଦୋଳ ପର୍ବରେ ରାଧାଗୋବିନ୍ଦଙ୍କ ମେଲଣ ଅନୁଷ୍ଠିତ ହୋଇଥାଏ। ଭଗବାନ କୃଷ୍ଣ ଏବଂ ରାଧାଙ୍କୁ ବିମାନରେ ବସାଯାଇ ବୁଲାଯାଇଥାଏ। ଫଗୁ ଦଶମୀ ତିଥିରୁ ଆରମ୍ଭ ହୋଇଥିବା ଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଦୋଳ ପୂର୍ଣ୍ଣିମାରେ ଶେଷ ହୋଇଥାଏ। ଦୋଳବିମାନରେ ମଦନମୋହନ ଓ ଲକ୍ଷ୍ମୀ, ସରସ୍ୱତୀ ଦୋଳବେଦୀକୁ ବିଜେ କରିଥାନ୍ତି। ଏମାନେ ପାଲିଙ୍କିରେ ବସି ପ୍ରତି ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ବଲ୍ଲଭଙ୍କ ଉଦ୍ୟାନକୁ ଚାଚେରୀ ଖେଳିବାକୁ ଯାଆନ୍ତି। ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ଦୋଳବେଦୀରେ ପହଞ୍ଚିବା ପରେ ଫଗୁ ଲାଗି ହୋଇଥାଏ। ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ। ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି-ଏକ ଜ୍ୟୋତ୍ସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ। ଏହି ନୃତ୍ୟଶାଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ। ଏହି ନୃତ୍ୟ ଚିରନ୍ତନ। ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ। ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ। ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ। ରାସଲୀଳା ହେଉଛି ଏହାର ଇଙ୍ଗିତ। ଜୀବକୁ ଯଦି ଏହି ଭାବରେ କୁଳମାଲିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲିବି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ସମ୍ଭାବନା ନଥାଏ। ଏହି କେନ୍ଦ୍ରାୟିତ ଆବର୍ତ୍ତନ ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଏଟମ୍ ଭିତରେ ମଧ୍ୟ ନିହିତ ଅଛି। ଯେଉଁଠାରେ ମଧ୍ୟ ଏକ ପ୍ରୋଟନ୍‌କୁ କେନ୍ଦ୍ର କରି ଚାଲିଛି ଇଲେକ୍‌ଟ୍ରନର ଆବର୍ତ୍ତନ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଭଗବାନ କୃଷ୍ଣଙ୍କର ହ୍ଲାଦିନୀ ଶକ୍ତି ହିଁ ହେଉଛି ରାଧା। ରାଧା ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କର ବୀଜ ମନ୍ତ୍ର ଓ ନାମ ଓ ନାମୀ ଅଭେଦ। ଫଗୁ ଦଶମୀ ଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ବିଭିନ୍ନ ନୀତି ପାଳିତ ହୁଏ। ମେଷାପୋଡ଼ିରୁ ମନ୍ଦିରରେ ଆରମ୍ଭ ହୁଏ ଦୋଳପୂର୍ଣ୍ଣିମା ନୀତି। ଦୋଳବେଦୀରେ ମଦନମୋହନ ଓ ଲକ୍ଷ୍ମୀ ବିଜେ ମାନଙ୍କୁ ଦର୍ଶନ ଦିଅନ୍ତି। ଏହି ଦିନ ରତ୍ନ ସିଂହାସନରେ ସୁନାବେଶ ଅନୁଷ୍ଠିତ ହୁଏ। ଦୋଳଯାତ୍ରା ଓ ରଥଯାତ୍ରା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ରଥଯାତ୍ରା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଯେପରି ନିଜ ସିଂହାସନରୁ ଓହ୍ଲାଇ ଆସି ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇଥାଆନ୍ତି, ଠିକ୍ ସେହିପରି ଦୋଳଯାତ୍ରାରେ ଭକ୍ତ ହାତରୁ ଖାଦ୍ୟ ଗ୍ରହଣ କରିବା ଲାଗି ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାକୃଷ୍ଣ ରୂପରେ ଦୋଳ ବିମାନରେ ବିରାଜମାନ କରନ୍ତି। ତେବେ ଫଗୁ ଦଶମୀ ଠାରୁ ଦୋଳପୂର୍ଣ୍ଣିମା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏହି ଦିନ ଦୋଳଗୃହିକ ସଜାଯାଇ ଠାକୁରଙ୍କ ଚଳନ୍ତି ପ୍ରତିମା ସ୍ଥାପନ କରାଯାଏ। ସଂଧ୍ୟାରେ ଦେଉଳ ଭିତରେ ଠାକୁରଙ୍କ ସହ ଫଗୁଖେଳ ହୁଏ। କେତେକ ସ୍ଥାନରେ ଠାକୁରଙ୍କୁ ବିଧିମୁତାବକ ପୂଜାର୍ଚ୍ଚନା କରାଯାଇ ପଂକ୍ତି ଭୋଗ ଅର୍ପଣ କରାଯାଏ। ତା'ପରଦିନ ଠାରୁ ଠାକୁର ଦୋଳବିମାନ ଆରୋହଣ କରି ବିଭିନ୍ନ ଗ୍ରାମକୁ ଚାଚେରୀ ଖାଇବା ଲାଗି ଯାଇଥାଆନ୍ତି। ଏଥିଲାଗି ବିଭିନ୍ନ ଗ୍ରାମ, ସାହି, ଓ ପଡ଼ା ଉତ୍ସବ ମୁଖର ହୋଇଉଠେ। ଗ୍ରାମର ପ୍ରତିଘରକୁ ଯାଇ ଠାକୁର ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ଭୋଗ ଗ୍ରହଣ କରିଥାଆନ୍ତି। ଏଭଳି ପ୍ରକ୍ରିୟା ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ। ଦୋଳ ଉତ୍ସବ ହିନ୍ଦୁ ସମାଜକୁ ଏକତା, ସଂଗଠନ, ଧର୍ମରକ୍ଷା, ତ୍ୟାଗ, ତପସ୍ୟା ଓ ଐତିହାସିକ ପରମ୍ପରାକୁ ସୁରକ୍ଷା ଦେବା ଲାଗି ସର୍ବଦା ତତ୍ପର ରହିବାକୁ ଶିକ୍ଷା ଦେଇଥାଏ ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,** ସହପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ହୋଲିକାଧିକରଣ ଓ ପାରମ୍ପରିକ ଦୋଳଯାତ୍ରା





ଜୈମିନୀ ମିମାଂସାରେ ଏକ ଅଧ୍ୟାୟ ହୋଲିକାଧିକରଣ ନାମରେ ରହିଛି। କର୍ମକାଣ୍ଡରେ ଏହା ଗ୍ରହଣ କରାଯାଏ। କାମ୍‌ଶାସ୍ତ୍ର ପ୍ରଣେତା ବାତ୍ସାୟନ ପାରମ୍ପରିକ ଉତ୍ସବ ମହୋତ୍ସବ ମାଳାରେ ହୋଲାକାକୁ ଶ୍ରେଷ୍ଠତ୍ୱ ଆସନ ଦେଇଛନ୍ତି। ଲିଙ୍ଗ ପୁରାଣ ଫାଲଗୁନ ପୂର୍ଣ୍ଣିମାକୁ ଫାଲଗୁନିକା ନାମରେ ବଖାନ କରିଛନ୍ତି। ବରାହ ପୁରାଣ ଏହି ପର୍ବକୁ ପାଟବାସ ବିଳାସିନୀ ନାମରେ ନାମିତ କରିଛନ୍ତି। ଫାଲଗୁନ ପୂର୍ଣ୍ଣିମା, ଯେଉଁ ଦିନ ସମ୍ପୂର୍ଣ୍ଣ ଶୀତ ଋତୁର ଶେଷ ଗ୍ରୀଷ୍ମ ଋତୁ ଆରମ୍ଭ ସେହି ଦିନ ସବୁ ଲୋକ ଏକତ୍ର ହୋଇ ନଡ଼ା ଘାସ କାଠି, ଡାଙ୍ଗ, କାଠଖଣ୍ଡ ଏକତ୍ର କରି ସ୍ତୁପ ଆକାରରେ ରଖି ପୁରୋହିତ ଦ୍ୱାରା ରାକ୍ଷୋଘ୍ନ ମନ୍ତ୍ରରେ ଅଗ୍ନୀ ସଂଯୋଗ କରାଇବେ ଓ ଲୋକ ଆନନ୍ଦରେ ପିଲାମାନଙ୍କ ସହ ହରିବୋଲ ହୁଳହୁଳି ଶବ୍ଦ ସହିତ, ହାସ୍ୟ ଖୁସି ମନାଇବେ। ତେବେ ସର୍ବ ଦୁଷ୍ଟାପହ ହୋମରେ ଏହି ରାକ୍ଷସୀ ଭୟଭୀତ ହୋଇ ଇତି ହୋଇଯିବ। ଚକ୍ରବର୍ତ୍ତୀ ରଘୁରାଜ ଏପରି ଅନୁଷ୍ଠାନ ଗ୍ରାମେ ଗ୍ରାମେ କରିବାକୁ ଆଦେଶ ଦେବା ସହିତ ରାଜକୋଷରୁ ଏ ପାଇଁ ଅର୍ଥାଦି ବ୍ୟବସ୍ଥା ଓ କାଠିକୁଟା ସଂଗ୍ରହରେ ଥିବା ରାଜକାନୁନରେ କଇଚି ସଂସ୍କାର ଜାହିର କରିଦେଲେ। ସେହି ଫାଲଗୁନ ପୂର୍ଣ୍ଣିମାରୁ ଏଇ ଢୁଣ୍ଡା ଉତ୍ପାତକାରିଣୀ ରାକ୍ଷସର ଅନ୍ତ ଦିନକୁ ହୋଲିକା ଜ୍ୱଳନ ଦିନ ରୂପେ ପାଳନ କରାଗଲା। ଚୈତ୍ର କୃଷ୍ଣ ପ୍ରତିପଦ ହୋଲିକା ଦହନ ପର ଦିନ ହୁଏ ହୋଲିକା ଦହନ ଭସ୍ମକୁ ଲୋକେ ସଂଗ୍ରହ କରି ତାକୁ ମୁଣ୍ଡରେ, ଭକ୍ତିରେ ଲଗାଇ ଘର ବାହାର ପ୍ରାଙ୍ଗଣରେ ବର୍ଗାକାର କ୍ଷେତ୍ରରେ ମଣ୍ଡଳକାଟି ରଖି ସ୍ୱ ସ୍ୱ ପୁରୋହିତ ଦ୍ୱାରା ମନ୍ତ୍ର ଉଚ୍ଚାରଣରେ କାମ ପୂଜା। ଏଥିରେ ରୋଗମୁକ୍ତ ଏକ ବର୍ଷ ପର୍ଯ୍ୟନ୍ତ ରହିବା ଚେଷ୍ଟା ଜଡ଼ିତ। ଢୁଣ୍ଡା ରାକ୍ଷସୀର ଏକ ନାମ ନୁହେଁ ଅଛି ଆଉ କେତେକ ନାମ ଯଥା ଶୀତୋଷ୍ଣା, ଅସୃକ୍ତା, ସନ୍ଧିଜା, ଅରୁକୁଣ୍ଡା, ହୋଲାକ। ଶୀତଋତୁ ବସନ୍ତଋତୁ ସନ୍ଧିକାଳରେ ଛୋଟ ବାଳକ ବାଳିକାଙ୍କର ସ୍ୱାସ୍ଥ୍ୟରେ ଅନେକ ପ୍ରକାର ବିକାର ବାହାରେ ପୁଣି ସମ୍ବତ୍ସର ଆରମ୍ଭ ଧନିଷ୍ଠା ନକ୍ଷତ୍ର ରବି ପାର ସମୟରେ ସବୁ ବର୍ଷ ହୁଏ ଏପାଇଁ ଯେଉଁ ସନ୍ଧି ସଂଘାତ ସମୟ ସେ ସମୟରେ ତିନି ଋତୁର ଶେଷ କାଳ ଅନ୍ୟ ତିନି ଋତୁର ଆରମ୍ଭ କାଳ ଶିଶୁମାନେ ଋତୁଚକ୍ରରେ ପାପ ହୋଇନିଅନ୍ତି ଫଳରେ ରୋଗରେ ପଡ଼ନ୍ତି। ଏ ସମୟରେ ମାନସିକ ଶକ୍ତି ସବଳ ପାଇଁ ଓ କେତେକ ଔଷଧିଗୁଣ ସମ୍ପନ୍ନ ପ୍ରସାଦ ନୈବେଦ୍ୟ କରି ଭୋଜନ ଅଂଶରେ ରଖାଇବା ପାଇଁ ଚିକିତ୍ସକମାନେ ବ୍ୟବସ୍ଥା କରାଇଛନ୍ତି। ଆମ ଓଡ଼ିଶାରେ ଏ ପର୍ବ ଅବିର, ରଙ୍ଗ ଖେଳରେ ଜଡ଼ିତ ହୋଲିକା ଦହନ ପ୍ରକ୍ରିୟା ରାଧାକୃଷ୍ଣ ଦୋଳ ବିମାନ ଗ୍ରାମ୍ୟ, ସାହି ପରିକ୍ରମା କରି ମନ୍ଦିରକୁ ଫେରିବା ବାଟାରେ ହୋଲିକା ଦହନ କାର୍ଯ୍ୟ କରାଯାଏ। ତାକୁ ମେଣ୍ଢା କୁଡ଼ିଆ କୁହାଯାଏ। ପ୍ରକୃତରେ ଏହି ଢୁଣ୍ଡାକୁ ଆମ ରାଜ୍ୟରେ ମେଣ୍ଢା କୁହାଯାଇଥାଇପାରେ। ଦୋଳ ମେଲଣରେ ଏ ସଂଯୁକ୍ତ ଏକ ପଂକ୍ତି ପ୍ରସାଦ ଲାଗିବା ବ୍ୟବସ୍ଥା ରହିଛି। ଦୋଳ ପୂର୍ଣ୍ଣିମା ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମଦିନକୁ ତାଙ୍କର ରାଧାକୃଷ୍ଣ ଉପାସନାକୁ ରାଜା ପ୍ରତାପରୁଦ୍ରଙ୍କ କାଳରୁ ରାଜାନୁଗତିଧର୍ମ ଯୋଗୁ ଓ ରାଜାଙ୍କର ପ୍ରିୟଗୁରୁ ଖୋଦ ଚୈତନ୍ୟଦେବ ହୋଇଥିବାରୁ ସମଗ୍ର ରାଜ୍ୟରେ ଏହି ପର୍ବ ଅତି ଆନନ୍ଦ ଭାଇଚାରାରେ ପାଳନ ହୋଇଆସୁଛି। ଖଇ, ଉଖୁଡା, ଖଜା, ଶାକର, ଭଜାଚଣା, ନଡ଼ିଆପାତି, ପାଚିଲା କଦଳୀ, ପଣା, ପଇଡ଼ ଏସବୁ ପ୍ରସାଦର ଉତ୍ସକୁ କଞ୍ଚା ମାଟିର ସରାରେ ଏସବୁ ପଦାର୍ଥ ଦେବ ଉଦ୍ଦେଶ୍ୟରେ ଭୋଗ ଲାଗିବେ। ଘଣ୍ଟଘଣ୍ଟା କାହାଳୀ ଢ଼ୋଲ ମହୁରୀ ବାଦ୍ୟ ଗହଣରେ ଏକ ରାଜ ଉପଚାରରେ ଦେବ ଉପଚାରରେ ରାଧାକୃଷ୍ଣଙ୍କ ଗସ୍ତ ଗ୍ରାମ୍ୟ ଦେବ ମନ୍ଦିରରୁ ଏସବୁ ସହିତ କୀର୍ତ୍ତନ ଦଳ ସହ ବାହାରି ଗ୍ରାମ୍ୟର ଗୃହକୁ ଗୃହ ଗସ୍ତ ନିର୍ଦ୍ଦେଶ ରହିଛି। ଅତି ସାତ୍ତ୍ୱିକ ଆନନ୍ଦରେ ପ୍ରତ୍ୟେକ ଘରୁ ପାଖଘରକୁ ଠାକୁରଙ୍କର ଅନୁଗାମୀ କରିବା ଏକ ପରମ୍ପରା ରହିଛି। ଏଥିରେ ପ୍ରତିବେଶୀ ସହିତ ଶାନ୍ତି ସ୍ଥାପନ ହେବା ସହିତ ସବୁ ପାଖ ଗ୍ରାମରୁ ଦୋଳାରେ ଆସୁଥିବା ରାଧାକୃଷ୍ଣ ମେଲଣ ପଡ଼ିଆ ଏକ ବିଶେଷ ପର୍ବ ଅନୁଭବ ସ୍ଥାନ। ଏଠାରେ ଗ୍ରାମ୍ୟ ସହ ଗ୍ରାମ୍ୟ ବିବାଦ ଇତି ହୁଏ। ରଙ୍ଗ ହୋଲି ଅବିରରେ ହାସ୍ୟ କୌତୁକ ରାଗ କ୍ରୋଧର ଇତି କରିଦିଏ। ହୃଦୟରୁ ଶତୃତା ଭୁଲି ଯିବାକୁ ପଡ଼େ। ଠାକୁର ଆସୁଛନ୍ତି ଏକଥା ସତ୍ୟ ବୋଧ ଲୋକ, ସେ ଦିନ ମନେ କରନ୍ତି। ତା ସହିତ ସେ ରାଜ ଉପଚାର ଦେବ ଉପଚାରକୁ ଦେଖିଲେ ଏହା ଯେ ସାତ୍ତ୍ୱିକ ପରିବେଶର ରାଜକୀୟ ଆଡ଼ମ୍ବର ବୁଝାଯାଏ। ଚାମର, ପଙ୍ଖା, ଠାକୁରଙ୍କ ସହିତ ରହିଥାଏ। ବିମାନ କାନ୍ଧିଆ, ମସାଲ ବା ବହୁତିଧାରୀ, କାହାଳୀ ବାଦକ, ଘଣ୍ଟୁଆ, ଢ଼ୋଲିଆ, ମହୁରିଆ ବିମାନ ଆଗେ ଆଗେ ରାସ୍ତାଘାଟ ସଫାକରି ପତାକାଧାରୀ କୀର୍ତ୍ତନିଆଁ, ଦେବ ପୂଜକ ବିପ୍ରଗଣ ଏମାନେ ଯେ ରାଜକର୍ମଚାରୀ ଥିଲେ ଏମାନେ ଠାକୁରଙ୍କ ସେବା ପାଇଁ କର୍ମଚାରୀ ଏକଥା ତଳେଇ ଚାହିଁଲେ ବୁଝାପଡୁଛି। ରାଜା ବିଜେ ପରି ଠାକୁର ବିଜେ ଏହା ବି ବୁଝିବାକୁ ପଡ଼ିବ। ବସନ୍ତ ଋତୁ କାମଦେବଙ୍କର ସହଚର କାମ ଦେବଙ୍କ ପଞ୍ଚବାଣ ଏମଧ୍ୟରୁ ଚତ ବା ଆମ୍ବ ଏକ ବକୁଳ ଅମାବାସ୍ୟାରୁ ଆମ୍ବ ବଉଳ। ସେଠାରୁ ଫୁଲରୁ ଫଳ ବିକଶିତ ହୋଇ ଯେଉଁ ଅବସ୍ଥାକୁ ଆସିଯାଇଥାଏ ସେପରି ଆମ୍ବ କଷିକୁ ଦିଅଁଙ୍କ ବିମାନରେ ମଣ୍ଡନ କରାଯାଏ। ଆମ୍ବଗଛ ସହିତ ହିନ୍ଦୁ ସଂସ୍କୃତି ଜଡ଼ିତ। ଆମ୍ବପତ୍ର କଳସର ଉପାଦାନ, ଆମ୍ବକାଠ ହୋମର ମୂଳ ଉପାଦାନ, ଆମ୍ବକାଠର ପିଢ଼ା ଦେବ କାର୍ଯ୍ୟରେ ଲାଗେ। ତେବେ ଗୁଲାପିଁ ଲାଲ ରଙ୍ଗ ହୋଲିରେ ବ୍ୟବହାର ମୁଖ୍ୟତଃ କରାଯାଏ। ଗୁଲାଲ କହିଲେ ଗୁଲାପିଁ ରଙ୍ଗକୁ ବୁଝାଏ। ଏହି ସବୁ ରଙ୍ଗ ପ୍ରସ୍ତୁତି ଏବେ ରାସାୟନିକ ରଙ୍ଗରେ ଏବେ ଶସ୍ତାରେ ହେଉଛି। ପ୍ରକୃତରେ ଏହା ଶରୀରର ଚର୍ମରେ ବାଜିଲେ କ୍ଷତିକର ମୁଣ୍ଡରେ ଚୁଟିରେ ଜମିଲେ କ୍ଷତିକର, ଚକ୍ଷୁରେ ବାଜିଲେ ବି ଚକ୍ଷୁ ନଷ୍ଟ ଆଶଙ୍କା ଅଛି। ଏହା ପୂର୍ବେ ଶସ୍ୟର ମିନ୍ ଗୁଣ୍ଡ ବା ଚୂର୍ଣ୍ଣରେ ଯଥା ଅଟା, ଚାଉଳ ଚୁନାରେ ଅବିର ପ୍ରସ୍ତୁତ କରାଯାଉଥିଲା। ଏବେ ସୁରକୀ ଇଟାଗୁଣ୍ଡରେ ଏମିତିକି ନଦୀ ବାଲିରେ ଏହା କେମିକାଲ ରଙ୍ଗରେ ତିଆରି ହେଉଛି। ବଣିକ ମାନେ ଧନ ଇଛାରେ ରହୁଛନ୍ତି। ସମାଜରେ ଲୋକଙ୍କର ଧନ ଜୀବନ ପ୍ରତି ତାଙ୍କର ନିଘା ନାହିଁ। ଏଥିପାଇଁ ପ୍ରତ୍ୟେକ ସଚେତନ ହୁଅନ୍ତୁ। ଶସ୍ତା ଦ୍ରବ୍ୟ ନକିଣି ଶୁଦ୍ଧ ମହଙ୍ଗା ଦ୍ରବ୍ୟ କିଣନ୍ତୁ ଓ ଏଇ ହୋଲିରଙ୍ଗ ଏପରି ପରୀକ୍ଷା କରି କିଣି ବ୍ୟବହାର କରନ୍ତୁ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା,** ସମ୍ପାଦକ, 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

## ବିଜେପି ପ୍ରାର୍ଥିନୀ ଜ୍ୟୋତିର୍ମୟୀଙ୍କ ନିର୍ବାଚନ ପାଇଁ ଜମିଲାଣି ପ୍ରଚାର

ଆନନ୍ଦପୁର (ପିଏନ୍):ଆନନ୍ଦପୁର ପୌରପରିଷଦ ପାଇଁ ନିର୍ବାଚନ ପ୍ରଚାର ଜମିଲାଣି। ପୌରପରିଷଦର ୧୬ ଗୋଟି ୱାର୍ଡରେ ବିଜେପି ପ୍ରାର୍ଥିନୀ ଜ୍ୟୋତିର୍ମୟୀ ପ୍ରଚାର ଜୋରଦାର କରିଥିବା ବେଳେ ଆନନ୍ଦପୁର ପୌରପରିଷଦର ପଦ୍ମପୁରର ୧ନଂ ଏବଂ ୨ନଂ ୱାର୍ଡରେ ପ୍ରଚାରକୁ ଜୋରଦାର କିରଛଁ । ବିଜେପି ଅଧକ୍ଷ ପ୍ରାର୍ଥିନୀ ଜ୍ୟୋତିର୍ମୟୀ ଖଟୁଆ ଭାରତର ଜଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ଶାସନକୁ ପାଥେୟ କରି ଭୋଟରଙ୍କ ନିକଟବର୍ତ୍ତୀ ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକୁ ଘର ଘର ବୁଲି ପ୍ରଚାର କରିବା ସହିତ ଆଗାମୀ ନିର୍ବାଚନରେ ନିର୍ବାଚିତ ହେଲେ ପୌରପରିଷଦର ବିକାଶ ନିମନ୍ତେ ପ୍ରାଧାନ୍ୟ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଜ୍ୟୋତିର୍ମୟୀ ଜଣେ ଉଚ୍ଚ ଶିକ୍ଷିତ ଓ ରାଜନୈତିକ ପରିବାରରୁ ଆସିଥିବା ବେଳେ ତାଙ୍କର ରାଜନୈତିକ ଅଭିଜ୍ଞତା ଦ୍ୱାରା ସେ ଭୋଟରଙ୍କୁ ଆକର୍ଷିତ କରୁଥିବା ବେଳେ ୧ନଂ ଏବଂ ୨ନଂ ୱାର୍ଡରେ ବିଗତ ଦିନରେ ନିର୍ବାଚିତ ପ୍ରତିନିଧିମାନେ ବିକାଶ କରିନଥିବା ବେଳେ ସାଧାରଣ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ସମାଜସେବୀ, ବରିଷ୍ଠ ନାଗରିକ ମାନଙ୍କର ସମର୍ଥନ ରହୁଥିବା ବେଳେ ବିଜେଡିକୁ ସେ କଡା ଟକ୍କର ଦେବେ ବୋଲି ସାଧାରଣରେ ଆଲୋଚନା ହେଉଛି । ୧ନଂ ୱାର୍ଡରୁ ବିଜେପି କାଉନସିଲର ପ୍ରାର୍ଥିନୀ ପଦ୍ମାବତୀ ସେଠୀ ଏବଂ ୨ନଂ ୱାର୍ଡରୁ କାଉନସିଲର ପ୍ରାର୍ଥିନୀ ଲକ୍ଷ୍ମୀ ଦେହୁରୀ ପ୍ରାର୍ଥୀ ହୋଇଥିବା ବେଳେ ପଦ୍ମପୁର ୨ନଂ ୱାର୍ଡର ହନୁମାନ ଛକଠାରୁ ଶୋଭାଯାତ୍ରାରେ ବାହାରି ପ୍ରଚାରକୁ ଜୋରଦାର କରିଥିଲେ । ଏହି ପ୍ରଚାର ବେଳେ ରାଜ୍ୟ ନମାମି ଗଙ୍ଗେର ସଭାପତି ମହେଶ୍ୱର ସାହୁ, ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ଜିଲ୍ଲା ଉପସଭାପତି ନିରାକାର ଦଳେଇ ଏବଂ ଯୁବନେତା ଯଜ୍ଞପ୍ରସାଦ ସାହୁ ପ୍ରମୁଖ ପ୍ରଚାରର ମଙ୍ଗ ଧରିଥିଲେ । ପଦ୍ମପୁରର ୧ ଏବଂ ୨ନଂ ୱାର୍ଡରେ ବିଭିନ୍ନ ସ୍ଥାନରେ ପଥପ୍ରାଂ ସଭା କରି ରାଜ୍ୟ ବିଜେଡି ସରକାରଙ୍କୁ କେନ୍ଦ୍ର ସରକାର ଦେଉଥିବା ଯୋଜନାକୁ ଯଥା: ଆବାସ ଯୋଜନାଠାରୁ ଆରମ୍ଭ କରି ସ୍ୱଚ୍ଛ ଭାରତ, ଖାଦ୍ୟ ସୁରକ୍ଷା ପ୍ରଭୃତି ଯୋଜନାକୁ ରାଜ୍ୟ ସରକାର ନିଜ ନାମରେ ଡିଣ୍ଡିମ ପିଟୁଥିବା ମନ୍ତବ୍ୟ ଦେଇଥିବା ବେଳେ ଏହି ପ୍ରଚାରରେ ଶତାଧିକ ଜନସାଧାରଣ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

# ସ୍ମରଣୀୟ ହୋଲି ଗୀତ





ହୋଲିର ରଙ୍ଗ ମାହୋଲ ଭିତରେ ଅନେକ ଚଳଚ୍ଚିତ୍ର ସ୍ମରଣକୁ ଆସୁଛି। ଫଗୁ ଓ ଫଗୁଣର ମହୋତ୍ସବ ପାର୍ବଣ ହୋଲି ସମସ୍ତଙ୍କ ଭିତରେ ଜୀବନ୍ତ ଓ ସ୍ମୃତି ବିଜଡ଼ିତ। ସିନେମା ଭିତରେ ଆମ ସାମ୍ନାକୁ ଯେଉଁ ହୋଲି ଗୀତର ଧୁନ୍ ଚିର ଅଭୁଲା ଓ ସ୍ମରଣୀୟ ସେଗୁଡ଼ିକ ହେଉଛି 'ଆନ' ଚଳଚ୍ଚିତ୍ରର ଖେଲୋ ରଙ୍ଗ୍ ହମାରେ ସଙ୍ଗ୍... : ବଲିଉଡର ପ୍ରଥମ ଟେକନିକଲର ଫିଲ୍ମ 'ଆନ୍'ରେ ଖଞ୍ଜା ଯାଇଥିଲା ରଙ୍ଗଭରା ହୋଲି ଗୀତ ଖେଲୋ ରଙ୍ଗ ହମାରେ ସଙ୍ଗ...। ଫିଲ୍ମଟି ୧୯୫୩ରେ ରିଲିଜ ହୋଇଥିଲା। ଏହା ହୁଏତ ପ୍ରଥମ ହୋଲି ଗୀତ ହୋଇନପାରେ, କିନ୍ତୁ ଏକ ସ୍ମରଣୀୟ ହୋଲି ଗୀତ। ଫିଲ୍ମର ନିର୍ଦ୍ଦେଶକ ଥିଲେ ନୌଶାଦ୍। ଶମଶାଦ ବେଗମ୍ ଓ ଲତା ମଙ୍ଗେସକର ଗାଇଥିବା ଏ ଗୀତରେ ଅଭିନୟ କରିଥିଲେ ଦିଲ୍ଲୀପ କୁମାର ଓ ମଙ୍ଗଲା। ସେହିପରି 'ମଦର ଇଣ୍ଡିଆ' ଚଳଚ୍ଚିତ୍ରର ହୋଲି ଆୟି ରେ କହ୍ନାଇ ହୋଲି ଆଇ ରେ..... : ଓସ୍କାର ପାଇଁ ମନୋନୀତ ହୋଇଥିବା ପ୍ରଥମ ହିନ୍ଦୀ ଫିଲ୍ମ ମଦର ଇଣ୍ଡିଆ। ୧୯୫୮ରେ ରିଲିଜ ହୋଇଥିଲା। ଫିଲ୍ମରେ ଥିଲା ଏକ ଜମାଣିଆ ହୋଲି ଗୀତ ହୋଲି ଆୟି ରେ କହ୍ନାଇ ହୋଲି ଆଇରେ। ଏ ଗୀତରେ ଅଭିନୟ କରିଥିଲେ ନର୍ଗିସ ଓ ରାଜକୁମାର। କଣ୍ଠଦାନ କରିଥିଲେ ଲତା ମଙ୍ଗେସକର ଏବଂ ସମଶାଦ ବେଗମ। 'କଟିପତଙ୍ଗ'ର ଆଜ୍ ନା ଛୋଡେଙ୍ଗେ.... ବୁରା ମାତ୍ ମାନୋ, ଆଜ୍ ହୋଲି ହୈ : ୧୯୭୦ରେ ବଲିଉଡ ଫିଲ୍ମ କଟି ପତଙ୍ଗରେ ଥିଲା ଏଇ ମସ୍ତିଭରା ହୋଲି ଗୀତ ଆଜ୍‌ନା ଛୋଡେଙ୍ଗେ। ଏଥିରେ ଅଭିନୟ କରିଥିଲେ ସୁପରଷ୍ଟାର ରାଜେଶ ଖାନ୍ନା ଓ ଆଶା ପାରେଖ୍। କିଶୋର କୁମାର ଓ ଲତା ମଙ୍ଗେସ୍‌କର କଣ୍ଠଦାନ କରିଥିଲେ। 'ସୋଲେ'ର ହୋଲି କେ ଦିନ୍... : ବଲିଉଡ୍ ଇତିହାସର ସବୁଠାରୁ ସଫଳ ଓ ଶ୍ରେଷ୍ଠ ଫିଲ୍ମ ଭାବେ ସ୍ୱୀକୃତି ସୋଲେ ୧୯୭୫ରେ ରିଲିଜ୍ ହୋଇଥିଲା। ଏ ଫିଲ୍ମରେ ଥିଲା ଗୋଟିଏ ଚମତ୍କାର ହୋଲି ଗୀତ ହୋଲି କେ ଦିନ। ପରଦା ଉପରେ ହୋଲି ଖେଳି ବୀରୁ (ଧର୍ମେନ୍ଦ୍ର) ଓ ବସନ୍ତୀ (ହେମାମାଳିନୀ) ନୃତ୍ୟ ପ୍ରଦର୍ଶନ କରିଥିଲେ। ଗୀତଟିକୁ ଗାଇଥିଲେ କିଶୋର କୁମାର ଓ ଲତା ମଙ୍ଗେସକର। 'ସିଲସିଲା'ର ରଙ୍ଗ ବରଷେ, ଭିଗେ ଚୁନରୱାଲି.. : ୧୯୮୧ରେ ରିଲିଜ ହୋଇଥିବା ସିଲ୍‌ସିଲାରେ ରଙ୍ଗ ବରଷେ, ଭିଗେ ଚୁନର ୱାଲି ନିଃସନ୍ଦେହରେ ବଲିଉଡର ସବୁଠାରୁ ଲୋକପ୍ରିୟ ହୋଲି ଗୀତ ମଧ୍ୟରୁ ଗୋଟିଏ। ଏ ଗୀତରେ ଅମିତାଭ ବଚ୍ଚନଙ୍କ ଭାଙ୍ଗ ଖିଆ ନୃତ୍ୟ ସହିତ ରେଖା, ସଂଜୀବ କୁମାର ଓ ଜୟା ଭାଦୁରୀଙ୍କ ଅଭିନୟ ଦର୍ଶକଙ୍କ ମନରେ ଏବେ ବି ଛାପ ରହିଛି। ଅଭିତାଭ ନିଜେ ଗୀତଟି ଗାଇଥିଲେ। 'ଧନ୍‌ବାନ୍'ର ରଙ୍ଗ ଦି ରଙ୍ଗ ଦି : ୧୯୯୩ରେ ରିଲିଜ ହୋଇଥିବା ଧନବାନ ଫିଲ୍ମରେ ଥିଲା ହୋଲି ଗୀତ ରଙ୍ଗ ଦି ରଙ୍ଗ ଦି। ଅଭିନୟ କରିଥିଲେ ଅଜୟ ଦେବଗନ, ମନୀଷା କୋଇରାଲା ଏବଂ କରିସ୍ମା କପୂର। ଗୀତଟି ଗାଇଥିଲେ ସୁରେଶ ୱାଦେକର, କବିତା କୃଷ୍ଣମୂର୍ତ୍ତି ଓ ନିତିନ୍ ମୁକେଶ। 'ମୋହବତେଁ'ର ସୋନି ସୋନି ଆଖିୟୋଁ ୱାଲି : ୨୦୦୦ରେ ରିଲିଜ ହୋଇଥିବା ମୋହବତେଁ ଫିଲ୍ମର ସୋନି ସୋନି ଆଖିୟୋଁ ୱାଲି ବେଶ ଲୋକପ୍ରିୟ। ଏ ଗୀତର କଣ୍ଠଶିଳ୍ପୀଙ୍କ ତାଲିକା ବେଶ ଲମ୍ବା। ଇଶାନ, ଯଶପିନ୍ଦର ନରୁଲା, ମନୋହର ସେଟ୍ଟୀ, ଉଦିତ୍ ନାରାୟଣ ପ୍ରମୁଖ ଗୀତଟି ଗାଇଥିଲେ।

ପରିଣତ ବୟସର ବାପାମାଆଙ୍କ ସମ୍ପର୍କ ପିଲାମାନଙ୍କ ଅବଦାନକୁ ନେଇ ପ୍ରଚୁର ଦର୍ଶକୀୟ ଆଦୃତି ପାଇଥିବା ଚଳଚ୍ଚିତ୍ର 'ବାଗବାନ'ର ହୋଲି ଖେଲେ ରଘୁବୀର : ୨୦୦୩ ମସିହାରେ ରିଲିଜ ହୋଇଥିଲା ବାଗବାନ। ଫିଲ୍ମରେ ଥିବା ହୋଲି ଖେଲେ ରଘୁବୀର ଗୀତରେ ଅଭିନୟ କରିଥିଲେ ବୟସ୍କ ଅମିତାଭ ଓ ହେମାମାଳିନୀ। ନିଜେ ଅମିତାଭ କଣ୍ଠଦାନ କରିଥିଲେ। ଅମିତାଭଙ୍କ ସହିତ ଗୀତଟିକୁ ଗାଇଥିଲେ ସୁଖବିନ୍ଦର ସିଂହ, ଅଲକା ଯାଜ୍ଞିକ୍ ଓ ଉଦିତ୍ ନାରାୟଣ। 'ୱକ୍ତ'ର ଦୋ ମେ ଏ ଫେବର ଲେଟ୍‌ସ ପ୍ଲେ ହୋଲି: ୨୦୦୫ ମସିହାରେ ରିଲିଜ ହୋଇଥିବା ୱକ୍ତ ଦ ରେସ୍ ଏଗେନ୍‌ଷ୍ଟ ଟାଇମ୍ ଫିଲ୍ମର ଦୋ ମେ ଏ ଫେବର ଲେଟ୍‌ସ ପ୍ଲେ ହୋଲି ଗୀତରେ ନୃତ୍ୟ କରିଥିଲେ ହିଟ ଯୋଡ଼ି ଅକ୍ଷୟ କୁମାର ଓ ପ୍ରିୟଙ୍କା ଚୋପ୍ରା। ଗୀତଟିକୁ ଗାଇଥିଲେ ଅନୁ ମଲ୍ଲିକ ଓ ସୁନିତ୍ ଚୌହାନ୍। 'ୟେ ଜୱାନୀ ହେ ଦିୱାନୀ'ର ବାଲମ୍ ପିଚକାରୀ ତୁନେ ମୁଝେ ମାରି : ୨୦୧୩ରେ ରିଲିଜ ହୋଇଥିବା ୟେ ଜୱାନୀ ହେ ଦିୱାନୀରେ ଏକ ମସ୍ତିଭରା ହୋଲି ଗୀତ ଥିଲା। ବାଲମ୍ ପିଚକାରି ତୁନେ ମୁଝେ ମାରି। ଗୀତରେ ନୈନା (ଦୀପିକା ପାଦୁ୍ୟକୋଣ), କବୀର (ରଣବୀର କପୂର) ଓ ଅଭି (ଆଦିତ୍ୟ ରୟ କପୂର) ରଙ୍ଗ ଖେଳରେ ମାତିଥିଲେ। ଗୀତଟି ଗାଇଥିଲେ ଶାଲମାଲି ଖୋଲ୍‌ଗାଡ଼େ ଓ ବିଶାଳ ଦାଦ୍‌ଲାନି। 'ଗୋଲିଓଁ କୀ କା ରାସ୍‌ଲୀଳା - ରାମଲୀଳା'ର ଲହୁ ମୁହଁ ଲଗ୍ ଗୟା : ୨୦୧୪ରେ ରିଲିଜ୍ ହୋଇଥିବା ସଞ୍ଜୟ ଲୀଲା ବଂଶାଲୀଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ ଗୋଲିଓଁ କୀ ରାସ୍‌ଲୀଳା : ରାମ ଲୀଳାରେ ଥିଲା ଏଇ ଭିନ୍ନ ସ୍ୱାଦର ହୋଲି ଗୀତ ଲହୁ ମୁହଁ ଲଗ୍ ଗୟା। ଫିଲ୍ମର ନାୟକ ନାୟିକା ଥିଲେ ରଣବୀର ସିଂହ ଓ ଦୀପିକା ପାଦୁ୍ୟକୋନ। ଏଥିରେ କଣ୍ଠଦାନ କରିଥିଲେ ଶାହୀଲ।

ବଲିଉଡରେ ହୋଲି ପାର୍ଟି : ଏକଦା ବଲିଉଡରେ ହୋଲି ପାର୍ଟିର ଆସର ଢ଼େର ଲୋକପ୍ରିୟତା ଅର୍ଜନ କରିଥିଲେ। କିମ୍ବଦନ୍ତୀ କଳାକାର ସ୍ୱର୍ଗତ ରାଜକୁମାରଙ୍କ ଦ୍ୱାରା ବିଲିଉଡରେ ବୋଧେ ପ୍ରଥମେ ହୋଲି ପାର୍ଟିର ଆୟୋଜିତ ହୋଇଥିଲା। ପ୍ରସିଦ୍ଧ ଆର୍‌କେ ଷ୍ଟୁଡିଓ ପରିସରରେ ହୋଲି ପାର୍ଟି ଆୟୋଜନ କରି ବଲିଉଡର ସବୁ କଳାକାର ଓ ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ଆମନ୍ତ୍ରଣ କରୁଥିଲେ। ବିଆର ଚୋପ୍ରାଙ୍କ ବଙ୍ଗଳାରେ ଆୟୋଜିତ ହୋଲି ପାର୍ଟି ବି ସେତେବେଳେ ବେଶ ଚର୍ଚ୍ଚାରେ ଥିଲା। ପରେ ଅମିତାଭ ବଚ୍ଚନ, ସୁଭାଷ ଘାଇ, ଜାଭେଦ ଅଖ୍‌ତାର, ସବାନା ଆଜ୍‌ମୀ, ଶାହରୁଖ ଖାନ୍ ହୋଲି ପାର୍ଟି ଆୟୋଜିତ କରୁଥିଲେ। ଏବେ ହୋଲି ପାର୍ଟି ପରମ୍ପରା ବନ୍ଦ ହେବାକୁ ବସିଲାଣି। କେତେ ଜଣ ତାରକା ବନ୍ଧୁମାନଙ୍କ ସହିତ ହୋଲି ପାଳୁଥିବାର ଦେଖାଯାଉଛି।

**ନାଟ୍ୟସାରଥି ଅଭୟ କୁମାର ଦାସ,** ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

## ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଲେ ପତ୍ନୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ବାରିମୂଳ ଗ୍ରାମର ପ୍ରଦୋଷ କୁମାର ପରିଡାଙ୍କ ପତ୍ନୀ ଶୁଭସ୍ମିତା ପରିଡା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି । ଘରବାରୀ ଜମିକୁ ନେଇ ପୂର୍ବରୁ ତାଙ୍କ ସ୍ୱାମୀଙ୍କ ସହିତ ବିଭିନ୍ନ ସମୟରେ ଗଣ୍ଡଗୋଳ କରିବା ସହ ମାଡ ମାରୁଥିବା ସେ ଅଭିଯୋଗ କରିଛନ୍ତି। ଶୁଭସ୍ମିତା ତାଙ୍କ ବାପଘର ଗ୍ରାମକୁ ଯଜ୍ଞ ଓ ଶିବ ମନ୍ଦିର ପ୍ରତିଷ୍ଠା ପାଇଁ ଯାଇଥିଲେ। ସେ ମାଇଁଶାଶୁଙ୍କଠାରୁ ଖବର ପାଇଲେ ଯେ ତାଙ୍କ ସ୍ୱାମୀ ମରିଯାଇଛନ୍ତି। ଖବର ପାଇ ସେ କେନ୍ଦ୍ରାପଡା ଡାକ୍ତରଖାନାରେ ପହଞ୍ଚି ଦେଖିଲେ ଯେ ତାଙ୍କ ସ୍ୱାମୀ ମରିଯାଇଛନ୍ତି। ବାରିମୂଳ ଗ୍ରାମର କେତେକ ବ୍ୟକ୍ତି ଯୋଜନାବଦ୍ଧ ଭାବେ ତାଙ୍କ ସ୍ୱାମୀଙ୍କ ତଣ୍ଟିଚିପି ମୁହଁରେ ଗାମୁଛା ଦେଇ ହତ୍ୟା କରିଥିବା ଶୁଭସ୍ମିତା ଅଭିଯୋଗ କରିଛନ୍ତି।

## ସାଇଭକ୍ତ ସମାଜସେବିକା ଧର୍ମପ୍ରାଣା ଶୈଳବାଳା ସାମଲଙ୍କ ସେବାକାର୍ଯ୍ୟ



କଟକ (ପିଏନ୍): ସମାଜରେ ଆଧ୍ୟାତ୍ମିକତା ଓ ସମାଜ ସେବାରେ ମହିଳା ମାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଏହା ଏକ ଦିବ୍ୟ ସମାଜ ଗଠନ ପାଇଁ ଆଲୋକବର୍ତ୍ତିକା ସାଜିବ। ଜୀବନ ତମାମ ସାଇସେବା ଓ ନିଜକୁ ସମାଜ ସେବା ଭିତରେ ଅତିବାହିତ କରି ଆମମାନଙ୍କ ପାଇଁ ସ୍ୱର୍ଗତଃ ଶୈଳବାଳା ସାମଲ ପ୍ରେରଣାର ଉତ୍ସ ବୋଲି ମତ ପ୍ରକାଶ ପାଇଛି। ଓଡ଼ିଶାରେ ମହିଳା ସମାଜ ସେବା ଓ କ୍ରାନ୍ତୀଧାରୀ ଆଦର୍ଶ ସମାଜ ସେବା ଗଠନରେ ଅନନ୍ୟ ଶ୍ରେଷ୍ଠତା ରଖିଥିବା ବିଶିଷ୍ଟ ସମାଜ ସେବିକା ସାଇ ଭକ୍ତ ସ୍ୱର୍ଗତଃ ଶୈଳବାଳା ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ନିତ୍ୟାନନ୍ଦ ସାମଲଙ୍କ ଧର୍ମପତ୍ନୀ ଶୈଳବାଳା ସାମଲ। ଓଡ଼ିଶାରେ ସାମଲ ଆଭିଜାତ୍ୟର ତଥା ତମାମ ଭଦ୍ରକର ବଡ଼ ସାମୁଲିଆଣୀ ଭାବେ ବେଶ ପ୍ରଖ୍ୟାତ ଏହି ଧର୍ମପ୍ରାଣଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ତିନି ଧରି ବାସ୍ତୁପୂଜା, ଘଟପୂଜା, ସତ୍ୟନାରାୟଣ ପୂଜା, ଗୀତାଯଜ୍ଞ, ସଂପୁଟକ ଚଣ୍ଡୀ ଓ ହନୁମାନ ଚାଳିଶା ଆଦି ପାଠ କରାଯାଇଥିଲା। ବିଷ୍ଣୁମୋହନ ସାମଲ ଏବଂ ତାଙ୍କ ସହଧର୍ମିଣୀ ସ୍ମିତା ଲେଙ୍କା ପୂଜାପାଠର ସମାପନ କରିଥିଲେ। ସ୍ୱର୍ଗତାଃ ଶୈଳବାଳା ସାମଲଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବରେ ନାରାୟଣ ସେବା, ସ୍ୱର୍ଗତଃ ମହେନ୍ଦ୍ର ପ୍ରସାଦ ସାମଲଙ୍କ ବଡ଼ବୋହୂ। କାର୍ଯ୍ୟକ୍ରମକୁ ସାଇଭକ୍ତ ତଥା ଶ୍ରୀସତ୍ୟସାଇ ସେବା ସମିତି କଟକର ପୂର୍ବତନ ସଂଯୋଜକ ଶ୍ୟାମ ସୁନ୍ଦର ସାମଲଙ୍କ ପରିଚାଳନାରେ କାର୍ଯ୍ୟକ୍ରମକୁ ରାଧାକାନ୍ତ, ରାମଚନ୍ଦ୍ର, ହରିହର, ଗୌରାଙ୍ଗ, ଦୀପ୍ତିକାନ୍ତ, ସତ୍ୟବ୍ରତ, ସାର୍ଥକ ସାରଥି, ଡାକ୍ତର ଦିଲ୍ଲୀପ କୁମାର ମହାରଣା, ଶୁଭଶ୍ରୀ ପ୍ରିୟଦର୍ଶିନୀ, ସାଇସ୍ମିତା, ଶିଶୁରା, ଶ୍ରାବଣୀ, ସଜଳ ବନାନୀ, ପ୍ରମୋଦା, ଶାନ୍ତିଲତା, ପୂର୍ଣ୍ଣିମା, ଅଞ୍ଜୁଲତା, ଅରୁନ୍ଧତୀ, ଅନୁପମା ପ୍ରମୁଖ ପରିଚାଳନା କରିଥିଲେ। ପରିଶେଷରେ ଏକ ଦୁଃଖଦ ଓ ଶୋକାକୁଳ ପରିବେଶରେ ହରିନାମ ଓ ସାଇ ସଂକୀର୍ତ୍ତନ ଭିତରେ ନାଭିଗୟାରେ ଅସ୍ଥି ବିସର୍ଜନ ହୋଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ, ସାଇ ଆଶ୍ରିତ ଓ ସହସ୍ରାଧିକ ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରଦ୍ଧାପୁଷ୍ପ ଅର୍ପଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ମାର୍ଚ୍ଚ ୧୭

# ଚର୍ମ ଚକ୍ଷୁଠୁ ଜ୍ଞାନ ଚକ୍ଷୁ ଶ୍ରେଷ୍ଠ



ସମାଜରୁ ଆଜି ଜ୍ଞାନ ଚକ୍ଷୁର ବିଚାର ପ୍ରାୟ କ୍ଷୀଣ ହେବାରେ ଲାଗିଛି। ଈଶ୍ୱରପ୍ରଦତ୍ତ ଚର୍ମ ଚକ୍ଷୁ କେବଳ ହରିତ ବନ, ପର୍ବତ, ପଶୁ, ପକ୍ଷୀ ତଥା ମନୁଷ୍ୟ ଆଦି ନଶ୍ୱର ବା କ୍ଷଣସ୍ଥାୟୀ ମିଥ୍ୟାବସ୍ତୁର ଦର୍ଶନ କରି ଆନନ୍ଦ ଲାଭ କରିଥାଏ। ସେ ଯାହା ଆଜି ଦେଖିଥାଏ ତାହା କାଲିକି ନଥାଏ। କିନ୍ତୁ ଜ୍ଞାନ ଚକ୍ଷୁ ସତ୍ୟ, ସନାତନ, ଶାଶ୍ୱତ ଚିନ୍ମୟ, ପରମାତ୍ମାଙ୍କର ଦର୍ଶନ କରିଥାଏ। ଏହି ପରିପ୍ରେକ୍ଷୀରେ ମନେପଡିଯାଏ ଭଗବାନ ବୁଦ୍ଧଙ୍କର କାହାଣୀଟିଏ, ଯାହା ହେଲା:- ଅଶିଣ ମାସର ଅମାବାସ୍ୟା ତିଥିରେ ଗୋଟିଏ ଗ୍ରାମରେ ଜଣେ ଭଦ୍ରଲୋକଙ୍କ ଘରେ ପ୍ରଖର ଚେତନା-ଶକ୍ତି ସମ୍ପନ୍ନ ଜଣେ ଅତିଥିଙ୍କର ଆଗମନ ହୋଇଥିଲା। ମାତ୍ର ଦୁଃଖର ବିଷୟ ସେ ଜନ୍ମରୁ ଅନ୍ଧ ଥିଲେ। ଆସିଥିବା ବନ୍ଧୁଙ୍କ ଘରେ ପୁରା ଦିନତମାମ୍ ହସଖୁସିରେ ବିତାଇବା ପରେ ଅତିଥି ଜଣଙ୍କ ରାତି ୯ ଘଟିକା ସମୟରେ ନିଜ ଗ୍ରାମକୁ ଯିବାକୁ ବାହାରିଥିଲେ। ଘର ଲୋକମାନେ ଏପରି ଅମାବାସ୍ୟାର ଘୋର ଅନ୍ଧକାର ରାତିରେ ଯିବାକୁ ବାରଣ କରିଥିଲେ। ଏବଂ ସକାଳୁ ଯିବାପାଇଁ କହିଥିଲେ। ହସି ହସି ଅନ୍ଧ ଅତିଥି କହିଥିଲେ ତୁମ ପାଇଁ ସିନା ସକାଳ, ସଞ୍ଜ, ମଧ୍ୟାହ୍ନ, ଅପରାହ୍ନ, ଆଲୋକ, ଅନ୍ଧକାର, ଦିନ, ରାତି ଏବଂ ପୂର୍ଣ୍ଣିମା, ଅମାବାସ୍ୟା। ମାତ୍ର ମୋ ପକ୍ଷରେ ଅନ୍ଧାରେ ଯିବା ଯାହା, ଆଲୋକରେ ଯିବା ସେଇଆ। ମୋର ଅଭ୍ୟାସ ହିଁ ମୋର ଦୃଷ୍ଟି ଶକ୍ତି। ମୋର ଅଭ୍ୟାସ ବଳରେ ମୁଁ ମୋ ଗ୍ରାମରେ ପହଂଚି ପାରିବି।

ବନ୍ଧୁବର୍ଗ ଅତିଥିଙ୍କ ଜିଦ୍ ଦେଖି ଗୋଟିଏ ଜ୍ୱଳନ୍ତା ଲଣ୍ଠନ ଅନ୍ଧ ଅତିଥିଙ୍କ ହାତରେ ଧରାଇଦେଇ କହିଲେ ଏଥର ଆପଣ ଯାଆନ୍ତୁ। ପୁନର୍ବାର ଅତିଥି ଜଣଙ୍କ ହସି ହସି କହିଲେ ଜଳନ୍ତା ହେଉ କି ଲିଭିଲା ହେଉ ଲଣ୍ଠନ ମୋର କି ଉପକାରରେ ଆସିବ? ବନ୍ଧୁଘରର ଲୋକମାନେ କହିଲେ ନିଶ୍ଚୟ ଏହା ଆପଣଙ୍କର ଉପକାର କରିବ! ଅନ୍ତତଃ ତୁମକୁ ଅନ୍ଧକାର ରାତ୍ରରେ କାହା ପାଖରେ ଧକ୍କା ଖାଇବାରୁ ରକ୍ଷାକରିବ। ଆଖି ଥିବା କେହି ଲୋକ ଲଣ୍ଠନ ଆଲୁଅ ଦେଖି ବାଟକାଟି ଚାଲିଯିବ। ତୁମ ସହିତ ଅନ୍ଧାର ରାତିରେ ଧକ୍କା ହେବାର ବିପଦ ଟଳିଯିବ। କଥାଟି ଅନ୍ଧ ଅତିଥିଙ୍କ ମନକୁ ପାଇଲା। ଅତିଥି ଜଣକ କିଛିବାଟ ଗଲାପରେ ଜଣେ ଲୋକ ସହିତ ଜୋରରେ ଧକ୍କା ହୋଇଗଲା। ଅନ୍ଧ ଅତିଥି ତଳେ ପଡିଗଲେ। ଲଣ୍ଠନ କାଚ ଭାଙ୍ଗିଗଲା। ତଳେ ପଡିଯିବା ପରେ ଅନ୍ଧ ଅତିଥି କହିଲେ ଭାଇ! ତୁମର କଣ ମୋ ଭଳି ଆଖି ନାହିଁ? ଧକ୍କା ଦେଇଥିବା ଲୋକଟି କହିଲା ନା ମୋର ଆଖି ଅଛି। ତେବେ ତୁମର ଆଖି ଥାଇ ଧକ୍କା ହେଲ କିପରି? ଧକ୍କା ହେବା ଲୋକଟି କହିଥିଲା ଅନ୍ଧକାର ରାତିରେ ଆଖି ଥିବା ଲୋକ ମଧ୍ୟ ଅନ୍ଧ। ଉତ୍ତରରେ ଅନ୍ଧ ଜଣକ କହିଥିଲେ ମୋ ହାତରେ ଜଳନ୍ତା ଲଣ୍ଠନ ଥିଲା! ତୁମର ଆଖି ଥିଲେ ତୁମେ ଦେଖିପାରିଥା'ନ୍ତ। ତୁମ ଲଣ୍ଠନ ବହୁପୂର୍ବରୁ ଲିଭି ଯାଇଥିଲା। ଲଣ୍ଠନ ଆଲୋକ ଦେଖିଥିଲେ ମୁଁ ବାଟକାଟି ଚାଲି ଯାଇଥାନ୍ତି।

ବର୍ତ୍ତମାନ ଏଠାରେ ବିଚାର କରିବା କଥା ଚର୍ମ ଚକ୍ଷୁ ଯଦି ଶକ୍ତିହୀନ ହୁଏ, ତେବେ ଜୀବ ଶ୍ରବଣ ଶକ୍ତି ଯୋଗେ ଚଳପ୍ରଚଳ ହୁଏ, ଚକ୍ଷୁ କର୍ଣ୍ଣ ଓ ବାକ୍‌ଶକ୍ତି ଅଚଳ ହୋଇଗଲେ ମନୁଷ୍ୟକୁ ଜ୍ଞାନ ଚକ୍ଷୁ ସାହାଯ୍ୟ କରିଥାଏ। ଜ୍ଞାନଶକ୍ତି ହିଁ ଆଲୋକ! ଅଜ୍ଞାନକୁ ଅନ୍ଧକାର କୁହାଯାଏ। ତେଣୁ ଜ୍ଞାନୀ ଲୋକମାନେ ଚକ୍ଷୁଷ୍ମାନ, ଅଜ୍ଞାନୀମାନଙ୍କୁ ଅନ୍ଧ କୁହାଯାଏ। ଆଜିର ସମାଜରେ ବହୁଲୋକମାନଙ୍କୁ ଆମେ ସାଧାରଣତଃ ଜ୍ଞାନୀ ମନୁଷ୍ୟ ଭାବରେ ବିଶ୍ୱାସ କରୁ। କିନ୍ତୁ ସେମାନଙ୍କ ମଧ୍ୟରେ ବହୁ ବ୍ୟକ୍ତିବିଶେଷ ଅଜ୍ଞାନୀମାନଙ୍କ ଅପେକ୍ଷା ଅଧିକ ଭୟଙ୍କର। କାରଣ ଅନ୍ଧହସ୍ତ ଲଣ୍ଠନଟି ଲିଭିଯିବା ପରେ ଜଣେ ଆଖିଥିବା ଲୋକ ମଧ୍ୟ ଧକ୍କା ହୋଇଗଲା। ଅନ୍ଧ କିମ୍ବା ଆଖିଥିବା ଲୋକ ଉଭୟଙ୍କ ମଧ୍ୟରୁ ଜଣେ କାହା ନିକଟରେ ଦୀପଟିଏ ଥିଲେ ଧକ୍କାର କାରଣ ନଥାନ୍ତା। ଠିକ୍ ସେହିପରି ବହୁ ଜ୍ଞାନୀ ମନୁଷ୍ୟଙ୍କ ଅଜ୍ଞାତରେ ଜ୍ଞାନର ଆଲୋକକୁ ଅହଙ୍କାର ରୂପକ ପବନ ଲିଭାଇ ଦେଇଥାଏ। ତଥାପି ସେମାନେ ନିଜକୁ ଚକ୍ଷୁଷ୍ମାନ ବୋଲି ପ୍ରଚାର କରି ପଥନିର୍ଦ୍ଦେଶ କରନ୍ତି। ଆମେ ଅଜ୍ଞାନୀ ମନୁଷ୍ୟମାନେ ସେମାନଙ୍କ ଉପରେ ବିଶ୍ୱାସ କରି ତାଙ୍କରି ନିର୍ଦ୍ଦେଶରେ ଚାଲିଥାଉ। ଫଳତଃ ଖାଲରେ ପଡି ମରିଥାଉ।

ଯୁଗ ଯୁଗ ଧରି ଆମ ସମାଜରେ ଅନ୍ଧମାନେ ଅନ୍ଧମାନଙ୍କୁ ବାଟ ବତେଇ ଉଭୟେ ଖାଲରେ ପଡି ଆସୁଛନ୍ତି, ଯେଉଁମାନଙ୍କର ଜ୍ଞାନର ଆଲୋକରେ ଆଜି ମଧ୍ୟ ପୃଥିବୀ ଆଲୋକିତ। ଯାହାର ଜ୍ୱଳନ୍ତ ଉଦାହରଣ ଅନ୍ଧକବି ସନ୍ଥ ଭୀମଭୋଇ। ଯାହାଙ୍କ ଜ୍ଞାନାଂଜନ ଆଜି ସମାଜକୁ ପଥ ଦେଖାଉଛି। ମାତ୍ର ଅନେକ ଅଜ୍ଞାନୀ ଲୋକ ଜ୍ଞାନର ଇସ୍ତାହାର ବାଂଟି ସର୍ପମଣ୍ଡୁକ ଭ୍ରମ ସୃଷ୍ଟି କରୁଛନ୍ତି। ବର୍ଷାଋତୁରେ ସାପଟିଏ ବେଙ୍ଗକୁ ଗିଳି ଚାଲିଥାଏ। ସାପ ପେଟରେ ଥାଇ ବେଙ୍ଗ ରଡି କରୁଥାଏ। ଦୂରରୁ ଆସୁଥିବା ଲୋକଟି ବେଙ୍ଗ ରଡିରେ ବିଶ୍ୱାସ କରି ବେଙ୍ଗ ନିକଟକୁ ଯିବାପରେ ବେଙ୍ଗକୁ ନଦେଖି ସାପକୁ ଦେଖିଥାଏ। ଯୁଗ ଯୁଗ ଧରି ସମାଜରେ ସର୍ପ ମଣ୍ଡୁକ ନ୍ୟାୟ ବହୁଭାବରେ ଚଳି ଆସିଛି। ଆଜିର ସମାଜରେ ନିଜକୁ ଜ୍ଞାନୀ ବୋଲାଉଥିବା ଲୋକମାନଙ୍କର ସ୍ୱାର୍ଥବାଦିତାର ଶିକାର ହୋଇଥାନ୍ତି ନିରୀହ ସରଳ ମଣିଷମାନେ। ତେଣୁ ଯାହାଙ୍କ ହାତରେ ଜ୍ଞାନର ଲଣ୍ଠନ ନ ଲିଭି ତେଜିୟାନ ଅଛି, ତାଙ୍କରି ପ୍ରଦର୍ଶିତ ମାର୍ଗରେ ଚାଲିଲେ ଜୀବନ ମଧୁମୟ ହୋଇଥାଏ।

## ଆଜିର ଅନୁଚିନ୍ତା

''ନ ଇଦଂ ମମ'' (ଏହା ମୋର ନୁହେଁ) – ଏହି ଦିବ୍ୟଭାବନା ମହାପୁଣ୍ୟ ଫଳରେ ଉଦୟ ହୁଏ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଓଡ଼ିଶାରେ ଦୋଳଯାତ୍ରା

## ବିପିନବିହାରୀ ମହାନ୍ତି

ଦୋଳୋତ୍ସବ ବା ବସନ୍ତୋତ୍ସବ ଏକ ଜାତୀୟପର୍ବ ହେଲେ ହେଁ, ଓଡ଼ିଶାରେ ଏହି ଉତ୍ସବ ବା ଯାତ୍ରାକୁ ସ୍ୱତନ୍ତ୍ର ମାନ୍ୟତା ଏବଂ ଗୁରୁତ୍ୱ ଦିଆଯାଏ। ଦ୍ୱାଦଶ ଶତାବ୍ଦୀର ଓଡ଼ିଆ ଜ୍ୟୋତିର୍ବିଦ୍ ଶତାନନ୍ଦଙ୍କ 'ଶତାନନ୍ଦ ସଂଗ୍ରହ' ଅନୁସାରେ ହିସାବ କଲେ ଓଡ଼ିଶାରେ ଏହା ଦୀର୍ଘ ୮୦୦ବର୍ଷ ଧରି ପାଳିତ ହୋଇ ଆସୁଅଛି। ଏହିଯାତ୍ରା ଫଗୁଣ ଶୁକ୍ଳ ଦଶମୀଠାରୁ ଆରମ୍ଭ ହୋଇ ଚୈତ୍ର କୃଷ୍ଣ ପଞ୍ଚମୀ ବା ସ୍ଥାନ ବିଶେଷରେ କୃଷ୍ଣ ଦଶମୀ ପର୍ଯ୍ୟନ୍ତ ମହାସମାରୋହରେ ଚାଲେ। ଗୋଟିଏ ପଟେ ଋତୁରାଜ ବସନ୍ତଙ୍କର ଆଗମନକୁ ସ୍ୱାଗତ କରିବାରେ ଉଦ୍ଦିଷ୍ଟ ବୋଲି କୁହାଯାଉଥିବା ବେଳେ, ଅନ୍ୟପକ୍ଷରେ ଏହା ବସନ୍ତୋତ୍ସବର ମୁଖ୍ୟ ଆରାଧ୍ୟ ଠାକୁର 'ଶ୍ରୀ ରାଧାକୃଷ୍ଣ'ଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଗ୍ରହଣ କରାଯାଏ। ଅନ୍ୟାନ୍ୟ ଉତ୍ସବରେ ଠାକୁରଙ୍କ ଦର୍ଶନାର୍ଥେ ଏବଂ ଭୋଗରାଗ ପାଇଁ ଭକ୍ତମାନେ ମନ୍ଦିରକୁ ଯାଉଥିବା ବେଳେ, ଏହି ଉତ୍ସବରେ ଠାକୁରମାନେ ଦୋଳ ବା ବିମାନରେ ବସି ଭକ୍ତଙ୍କ କାନ୍ଧରେ ଗ୍ରାମମଧ୍ୟକୁ ପ୍ରବେଶ କରି ପ୍ରତିଟି ଦ୍ୱାରେ ଉପସ୍ଥିତ ହୁଅନ୍ତି ଏବଂ ଭକ୍ତମାନେ ଠାକୁରମାନଙ୍କୁ ଅବିର, ଭୋଗ ଓ ନୈବେଦ୍ୟ ଅର୍ପଣ କରିଥାନ୍ତି। ରାଧାକୃଷ୍ଣ ଦୋଳରେ ବିଜେ କରି ଗ୍ରାମ ପରିକ୍ରମା କରନ୍ତି ବୋଲି ଏହାର ନାମ ଦୋଳଯାତ୍ରା। ଏହି ଯାତ୍ରା ଦର୍ଶନରେ ପାପକ୍ଷୟ ଏବଂ ସ୍ୱର୍ଗପ୍ରାପ୍ତି ହୁଏ ବୋଲି ଶାସ୍ତ୍ରମାନେ ମତ ଦିଅନ୍ତି !



***"ନରୋ ଦୋଳଗତଂ ଦୃଷ୍ଟ୍ୱା ଗୋବିନ୍ଦଂ ତ୍ରିଦଶଞ୍ଚିତଂ, ଫାଲଗୁନ୍ୟଂ ସଂଶୟତୋ ଭୂତ୍ୱା ଗୋବିନ୍ଦସ୍ୟ ପୁରଂ।। ଦୋଳେ ଚ ଦୋଳ ଗୋବିନ୍ଦଂ, ଚାପେଚ ମଧୁସୂଦନଂ, ରଥେତୁଂ ବାମନଂ ଦୃଷ୍ଟ୍ୟା ପୁନର୍ଜନ୍ମ ନବିଦ୍ୟତେ।।"***

ରାଧାକୃଷ୍ଣଙ୍କର ଦୋଳ ବିଜେ ନେଇ ଅଚ୍ୟୁତାନନ୍ଦ ଯାହା କହିଛନ୍ତି ସେଥିରୁ କିଛିଟା ପଙ୍କ୍ତି ଏଠାରେ ଉଦ୍ଧୃତ କଲୁ।

***"ଫଗୁଣ ମାସରେ ଦୋଳ ଗୋବିନ୍ଦ, ଫଗୁ ଖେଳୁଛନ୍ତି ପରମାନନ୍ଦ।। ଅବିର ସଙ୍ଗେ ଝାଲେରୀ ମିଶାଇ, ଫଗୁ ଖେଳୁଛନ୍ତି ଯଦୁ ଗୋସାଇଁ, ମୋ କାହ୍ନୁରେ ।।" -ବାରମାସୀ କୋଇଲି।।***

'ରାମାୟଣ' ଦଶରଥଙ୍କର କୈକେୟୀଙ୍କ ପ୍ରତି ଏକ ପ୍ରତିଶ୍ରୁତିବଦ୍ଧତାର ଫଳସ୍ୱରୂପ ପରି ଦୋଳୋତ୍ସବର ଫଗୁଖେଳ କୃଷ୍ଣଙ୍କର ରାଧାଙ୍କ ପ୍ରତି ଏକ ଅଙ୍ଗୀକାରବଦ୍ଧତାର ନିଦର୍ଶନ ବୋଲି କୁହାଯାଏ। ଏନେଇ ଅଚ୍ୟୁତାନନ୍ଦ ପୁନଶ୍ଚ କୁହନ୍ତି :

***"ଯେତେ ଦୂର ଆମେ ଗୋପପୁରେ ରହିଥିବା କହୁଅଛି ବୃନ୍ଦାବନେ ଆମେ କେଳି ଆଚରିବା।। ଏହି ଫଗୁଣରେ ଦୋଳ ଗୋବିନ୍ଦ ବୋଲାଇ, ଫଗୁ ଖେଳୁଥିବା ଆମେ ଚଉଦୋଳେ ରହି।।"***

***-ଗୋପାଳ ଓଗାଳ***

ଏହି ଉତ୍ସବରେ ଠାକୁରମାନଙ୍କ ଗ୍ରାମ ପରିକ୍ରମା ବେଳେ ଫଗୁ ଓ ଝାଲେରୀ ଇତ୍ୟାଦି ସହ ଭୋଗ ଅର୍ପଣ କରାଯାଏ। ଏହିପରି ବୁଲି ଭୋଗଖିଆକୁ ଚାଚେରୀ ଭୋଗ କୁହାଯାଏ। ଚାଚେରୀ ଭୋଗ ଖିଆବେଳେ ଗ୍ରାମଗୁଡ଼ିକ ବିଶେଷ କରି କେଉଟମାନଙ୍କର ଘୋଡ଼ା ନାଚ, ଗଉଡ଼ମାନଙ୍କର ଲଉଡ଼ି ଖେଳ, ଚଢ଼େୟା ଚଢ଼େୟାଣୀଙ୍କ ଗୀତିନାଟ୍ୟ, ଶଙ୍ଖଧ୍ୱନି, ବଂଶୀବାଦନ, ସଂକୀର୍ତ୍ତନ ଏବଂ ମଶାଲର ରୋଷଣୀ ପଟୁଆରରେ ପ୍ରକମ୍ପିତ ହୋଇ ଉଠୁଥାଏ। ଠାକୁରମାନଙ୍କର ଗ୍ରାମ ପରିକ୍ରମା ଓ ଚାଚେରୀ ଭୋଗଖିଆ ଫଗୁଣ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶୁଦ୍ଧା ସରିଯାଇଥାଏ। ପୂର୍ଣ୍ଣମୀ ଦିନ ଆରମ୍ଭରୁ ଦୋଳ ମେଳଣ। ଏହି ମେଳଣ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଗୋଟିଏ ମୁଖ୍ୟ ଗାଁର ଗାଁ ମୁଣ୍ଡ କୋଉ ତୋଟା ବା ଆମ୍ବ ତୋଟା ଗହଣରେ ପଡ଼ିଆରେ ଅନୁଷ୍ଠିତ ହୁଏ। ଏହି ମେଳଣର ମୁଖ୍ୟ ଦେବତା ଯିଏ ସିଏ ଅନ୍ୟଗ୍ରାମ ବା ଅନ୍ୟ ଦେବତାମାନଙ୍କୁ ନିମନ୍ତ୍ରଣ କରିଥା'ନ୍ତି ଏବଂ ସେମାନେ ଏଥିରେ ଯୋଗ ଦିଅନ୍ତି।

ଦୋଳ ପଡ଼ିଆରେ ଠାକୁରମାନେ ସ୍ଥାନୀୟ ବ୍ୟବସ୍ଥା ଅନୁଯାୟୀ ଦିନେ ବା ଦୁଇଦିନ ରୁହନ୍ତି। ଏହି ସମୟରେ ଠାକୁରମାନଙ୍କର ସଭାହୁଏ ବୋଲି ବିଚାର କରାଯାଏ। ଏଠାରେ ସୂଚାଇ ଦେଉ ଯେ ଯଦିଓ ଦୋଳୋତ୍ସବର ମୁଖ୍ୟ ଠାକୁର ହେଉଛନ୍ତି ଶ୍ରୀ ରାଧା-କୃଷ୍ଣଙ୍କର ଯୁଗଳମୂର୍ତ୍ତି, ତଥାପି ଗ୍ରାମର ଅନ୍ୟାନ୍ୟ ଦେବତା ଯଥା ଭଗବତ ଗୋସାଇଁ, ମଦନ ମୋହନ, ଶ୍ରୀ ମହେଶ୍ୱର ଏବଂ ଅନ୍ୟାନ୍ୟ ଗ୍ରାମାଧିପତି ଠାକୁରମାନେ ଏମିଳନରେ ଯୋଗ ଦେଇଥାନ୍ତି।

ମିଳନ ବେଦୀରେ ଠାକୁରମାନଙ୍କୁ ଫଗୁ ବା ଅବିର ସହ ଭୋଗ ଅର୍ପଣ କରାଯାଏ। ଭୋଗ ଭିତରେ ଥାଏ ନିଆ, ଉଖୁଡ଼ା, ଚୂଡ଼ା ଉଖୁଡ଼ା, ସାକର, ଫେଣି,ଚଣା, କଦଳୀ, ଚୂଡ଼ାଘଷା, କାକୁଡ଼ି, ଆମ୍ବ, ଆଖୁ ଏବଂ ଏମିତି କିଛି। ଏସବୁ ଅର୍ପଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାରେ ଭୋଗ ଆଟିକା ଓ ସରା ଇତ୍ୟାଦିର ବ୍ୟବସ୍ଥା ଥାଏ।

ମେଳଣ ବା ବିଦାୟ ଦିନ ରତ୍ନମଣ୍ଡପକୁ ସ୍ଥାନାଧିପତି ପତିଙ୍କ ପରେ ଗୁରୁତ୍ୱ ଓ ବିଶେଷତ୍ୱ ନେଇ ଠାକୁରମାନେ ରତ୍ନମଣ୍ଡପକୁ ଉଠାନ୍ତି ବା ରତ୍ନମଣ୍ଡପ ପରିକ୍ରମା କରନ୍ତି। ରତ୍ନମଣ୍ଡପକୁ ମଧ୍ୟ ଭୋଗମଣ୍ଡପ କୁହାଯାଏ। ତତ୍‌ପରେ ଅଗରୁ ବର୍ଷଣ, ବାଜାବାଜାନ୍ତରୀ, ଶଙ୍ଖ, ତୁରୀଭେରୀ ଇତ୍ୟାଦ ନିନାଦରେ ସ୍ଥାନଟି ଚେଇଁଉଠେ। ଦିଅଁ, ଦେଉଳ, ମଣିଷ, ପବନ ଓ ଆକାଶ ପାଲଟିଯାଏ ଅଗୁର ମୟ। ଏହାପରେ ଠାକୁରମାନେ ସ୍ୱ ସ୍ୱ ଗ୍ରାମ ବା ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି।

ହରିରାଜପୁର ଓ ପଞ୍ଚପିଢ଼ି ପରି କେତେକ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣପରେ ବି ଯାତ୍ରା ସରେ ନାହିଁ। ମାସେ ଯାଏଁ ଏଠାରେ ଥିଏଟର, ନାଚ ସୁଆଙ୍ଗ, ପାଲା, ସିନେମା, ସର୍କସ ଏବଂ ମୀନାବଜାର ଇତ୍ୟାଦି ଚାଲିଥାଏ। ହାଟ ନାଟରେ କୁଲା, ଛାଞ୍ଚୁଣୀ, ଶିଳ, ଶିଳପୁଆଠୁ ଆରମ୍ଭ କରି, ଶଗଡ଼, ବଳଦ, ବାସନକୁସନ, କାଠ ସାମଗ୍ରୀ, ମିଠା ଦୋକାନ, ପରିବା ଦୋକାନ, ଡାଲି ଚାଉଳ ଦୋକାନ, ଇତ୍ୟାଦି ହରେକ୍‌ମାଲ ବଣିଜ ଚାଲିଥାଏ। ଅନ୍ୟାନ୍ୟ ଦୋକାନ ଭିତରେ ଲୁହାଦୋକାନ, କଂସା ଓ ପିତ୍ତଳ ବାସନ ଦୋକାନ, ଜୋତା ଦୋକାନ, ଆଧୁନିକ ଫାଇବର ଦୋକାନ, ଷ୍ଟିଲ ବାସନ ଦୋକାନ, ପ୍ଲାଷ୍ଟିକ୍ ସରଞ୍ଜାମ ଓ ସପ ମଶିଣା ଦୋକାନ ଇତ୍ୟାଦି ମୁଖ୍ୟ ଥାଏ। ଲୋକେ ବର୍ଷକ ପାଇଁ ଘରର ଦରକାରୀ ସାଜସଜ୍ଜା ଏତିକିବେଳେ କାରବାର କରିଥାଆନ୍ତି। ତେବେ ଅଧିକାଂଶ କାରବାର ମଧ୍ୟରେ ପ୍ରଧାନ ଥାଏ ବିବାହ ଏବଂ କୃଷି ସାମଗ୍ରୀ।

ଦୋଳପୂର୍ଣ୍ଣମୀ ଦିନ ଗୌଡ଼ୀୟ ବୈଷ୍ଣବ ଧର୍ମାବଲମ୍ବୀମାନେ ଚୈତନ୍ୟ ମହାପ୍ରଭୁଙ୍କର ଷୋଡଶ ଶତାବ୍ଦୀରେ ଏହି ଦିନରେ ଓଡ଼ିଶାକୁ ଆଗମନକୁ ଉପଜୀବ୍ୟ କରି ସେମାନେ ବି ମହାସମାରୋହରେ ପାଳନ କରନ୍ତି। ଓଡ଼ିଶାର ଗଉଡ଼ମାନେ ନିଜକୁ ଯଦୁବଂଶୀୟ ବୋଲି ପରିଚିତ ଦେଇ ଦୋଳପୂର୍ଣ୍ଣିମାକୁ ତାଙ୍କର ଶ୍ରେଷ୍ଠ ପର୍ବ ଭାବେପାଳନ କରନ୍ତି ତଥା ଗୋଷ୍ଠରେ ଧେନୁପୂଜା କରନ୍ତି। ତା' ସହିତ ନାନା ରଙ୍ଗ ବେରଙ୍ଗର ଧୋତି ବା ଗାମୁଛା ପିନ୍ଧି ଏବଂ ଅଣ୍ଟାରେ ଘାଗୁଡ଼ି ବାନ୍ଧି କୃଷ୍ଣଲୀଳା ସଂପର୍କିତ ଅଚ୍ୟୁତାନନ୍ଦଙ୍କ ଓଗାଳ ଗୀତ ଗାଆନ୍ତି ଏବଂ ଲଉଡ଼ିଖେଳ ଖେଳନ୍ତି।

ପରମ୍ପରାକ୍ରମେ ଦୋଳପୂର୍ଣ୍ଣିମାକୁ ଆଧାରକରି କୋଠିଆ ତାର ଜୀବିକା ଆରମ୍ଭ କରେ: ବେତନଭୋଗୀ ଶ୍ରମିକମାନେ ତାଙ୍କ କର୍ମସଂସ୍ଥାନରେ ନିଯୁକ୍ତି ପାଆନ୍ତି; କୃଷକମାନେ ତାଙ୍କ କୃଷିକାର୍ଯ୍ୟର ଅୟମାରମ୍ଭ କରନ୍ତି; ନୂଆପାଞ୍ଜି ଭଗବତ ଘରେ ବା ଗ୍ରାମଦେବତୀଙ୍କ ପାଖେ ପାଠ କରାଯାଏ। ଗାଁ ଅବଧାନେ ଆଗାମୀ ବର୍ଷ ପାଇଁ କୃଷି ଜଳବାୟୁ, ବର୍ଷା, ଦଶା, ମହାଦଶା, ପ୍ରାକୃତିକ ଦୁର୍ବିପାକ, ଇତ୍ୟାଦି ସଂପର୍କରେ ପାଞ୍ଜିରୁ ସମ୍ୟକ୍ ସୂଚନା ଦିଅନ୍ତି। ଏହିଦିନ ପୂର୍ବରୁ ଥିବା ସମସ୍ତ



ହଟ୍ଟଗୋଳ, ମନମନାନ୍ତର, ବାସନ୍ଦ ବିଚାର ହୁଏ ଏବଂ ତୁଟେ ନୋହିଲେ ଠାକୁର ବାସନ୍ଦ ଘରୁ ଭୋଗ ଖାଆନ୍ତି ନାହିଁ। କେତେକ ସ୍ଥାନରେ ମହାଜନମାନେ ଲଗାଣ କରଜର ବାର୍ଷିକ ଆୟବ୍ୟୟର ସମୀକ୍ଷା ଓ ନୂତନ ହିସାବ ଋଣକ୍ରେତାଙ୍କ ସହ କରିଥା'ନ୍ତି।

ପୂର୍ଣ୍ଣିମାବାସୀ ଅର୍ଥାତ୍ ଚୈତ୍ର ପ୍ରଥମ ଦିନ ହିଁ ହୋଲି। ହୋଲି ହେଉଛି ରଙ୍ଗ ଓ ପିଚକାରୀର ଖେଳ। ଏହା ରାଧାକୃଷ୍ଣ ଓ ଗୋପୀମାନଙ୍କ ରସ ରାସକୁ ଆଧାର କରି ବସନ୍ତୋତ୍ସବର ଏକ ରଙ୍ଗର ଦିନ। ତେବେ ଏହିଦିନ ହରିଣ୍ୟକଶିପୁ ପୁତ୍ର ପ୍ରହ୍ଲାଦକୁ ମାରିବା ପାଇଁ, ଷଡ଼ଯନ୍ତ୍ର କରି ଭଉଣୀ ହୋଲିକାକୁ ପ୍ରେରଣ କରିଥିଲା। ହୋଲିକା ବର ପାଇଥିଲା ଯେ ସେ ନିଆଁରେ ପୋଡ଼ି ମରିବ ନାହିଁ ଅଥଚ ପ୍ରହ୍ଲାଦକୁ କୋଳେଇ ନିଆଁ ଗଦାରେ ବସନ୍ତେ, ସେ ନିଜେ ଜଳିଗଲା। ରଖେ ହରି ମାରେ କିଏ? ପ୍ରହ୍ଲାଦ ବଂଚିଗଲା। ଏଣୁ ହୋଲିକାର ମରଣ ଓ ପ୍ରହ୍ଲାଦର ପ୍ରାଣରକ୍ଷା ହେତୁ ଲୋକେ ସେଦିନ ଖୁସିରେ ରଙ୍ଗ ଖେଳିଥିଲେ ବୋଲି, ଏହାକୁ ହୋଲି ମଧ୍ୟ କୁହାଯାଏ। ହୋଲିର ରଙ୍ଗ ପ୍ରସ୍ତୁତି ଏହାର ତିନିଦିନ ପୂର୍ବରୁ ଆରମ୍ଭ ହୋଇଥାଏ। କେବଳ ଖେଳ ହୋଲି ଦିନ ହୁଏ। କେତେକଙ୍କ ଘରେ ଲୋକେ ନୂତନ ବସ୍ତ୍ର ପରିଧାନ କରନ୍ତି ଏବଂ ଘର ଘର ବୁଲି ଜାତି ଓ ବର୍ଣ୍ଣ ନିର୍ବିଶେଷରେ ସର୍ବସାଧାରଣରେ ସମ୍ପର୍କିତ ବା ଅସମ୍ପର୍କିତ ଲୋକଙ୍କ ସହ ହୋଲି ଖେଳନ୍ତି। ତେବେ ରଙ୍ଗର ମଜ୍ଜା ଉଠାନ୍ତି ସଂପର୍କୀୟ ଓ ପରିଚିତି ଲୋକମାନଙ୍କ ମଧ୍ୟରେ।

ହୋଲି ସ୍ନେହ, ପ୍ରେମ ଓ ସଦ୍‌ଭାବନାର ପ୍ରତୀକ ଏବଂ ସର୍ବୋପରି ଏହା ଏକ ମହାନ ଜାତୀୟ ପର୍ବ। ଏହା ହିନ୍ଦୁମାନଙ୍କ ପର୍ବ ହେଲେ ହେଁ ଅଧୁନା ସବୁ ଧର୍ମ ଓ ସଂପ୍ରଦାୟର ବ୍ୟକ୍ତିମାନେ ଏଥିରେ ସାମିଲ ହୋଇ ମହାନ୍ ଭାରତୀୟ ଭାବରେ ଉଦ୍‌ବୁଦ୍ଧ ହେଲେଣି।

ଦୋଳ ପୂର୍ଣ୍ଣିମାର ପାଞ୍ଚ ଦିନକୁ ପଞ୍ଚୁଦୋଳ କୁହନ୍ତି। ଅନେକ ସ୍ଥାନରେ ଚୈତ୍ର କୃଷ୍ଣପକ୍ଷର ଦଶଦିନ ଯାଏଁ ଦୋଳଯାତ୍ରା ଚାଲେ ବୋଲି ସ୍ଥାନ ଭେଦରେ ଦି'ଦୋଳ, ତିନିଦୋଳ, .... ନଅ ଦୋଳ ଓ ଦଶଦୋଳ ଆକାରରେ ପାଳନ କରାଯାଏ।

ଦୋଳ ଉତ୍ସବ ବା ହୋଲିରେ ବ୍ୟବହୃତ ରଙ୍ଗ ବିଜ୍ଞାନସମ୍ମତ ସ୍ୱାସ୍ଥ୍ୟପ୍ରଦାୟକ। ଏହା ଚର୍ମରୋଗ ନିବାରକ। ଏମିତି କି ହାଡ଼ଫୁଟି, ବସନ୍ତ, ମିଳିମିଳା ଓ କୁଣ୍ଡିଆ ଇତ୍ୟାଦିର ପ୍ରତିଷେଧକ। ସେମିତି ଦୋଳ ଭୋଗରେ ବ୍ୟବହୃତ ଚଣା କାମ ଉଦୀପନା ରୋଧକ। ଏହା ସତ୍ୟ ଯେ ବସନ୍ତ ଆରମ୍ଭରେ ପ୍ରାଣୀ ବିଶେଷକରି କାମାସକ୍ତ। ଏହାକୁ ଲଗାମ ଲଗାଇବାର ଚଣା ଓ ଦୋଳଭୋଗର ଗୁରୁତ୍ୱ ଅଛି। ମାତ୍ର ଆଧୁନିକ ମୁଣ୍ଡଫଟା ରଙ୍ଗ ତଥା ଯୁବ ଖେଳାଳୀଙ୍କର ନିଶାଖିଆ ରଙ୍ଗ ଖେଳ ନିହାତି ଏକ ପ୍ରଦୂଷିତ ପରମ୍ପରା। ଏହାକୁ ରୋକାଯାଉ।

***-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮***

# ଗଂଜାମ ସହରର ଦୋଳଯାତ୍ରା

ପ୍ରାଚୀନ ସମୟରେ କଳିଙ୍ଗ ନାମରେ ବିଦିତ ଏକ ସମୃଦ୍ଧଶାଳୀ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ଭାବରେ ଗଂଜାମ ଅଞ୍ଚଳ ସୁପରିଚିତ। ଆଧୁନିକ ଓଡ଼ିଶାର ମାନଚିତ୍ରରେ ଗଂଜାମ ନାମକ ପ୍ରଶାସନିକ ନାମକରଣରୁ ଗଢ଼ିଉଠିଥିବା ଗଂଜାମ ଜିଲ୍ଲା ଗଂଜାମ ସହରକୁ ନେଇ ଗର୍ବିତ ହେବା ସ୍ୱାଭାବିକ । ପ୍ରଶାସନର ସୁପରିଚାଳନା ନିମନ୍ତେ ଇଂରେଜମାନେ ଏହି ଅଞ୍ଚଳକୁ ନିର୍ବାଚିତ କରିଥିଲେ । ପୋତାଗଡ଼ର ଭଗ୍ନାବଶେଷ ଏହି ସ୍ମୃତିକି ଉଜ୍ଜୀବିତ କରିଥାଏ । ଅତୀତରେ ଯେ ଗଂଜାମ ଏକ ସମୃଦ୍ଧଶାଳୀ ଜନପଦର ଗୌରବ ବହନ କରିଥିଲା ତାହା ନିଃସନ୍ଦେହରେ କୁହାଯାଇପାରେ । ମହାଭାରତୀୟ ସାଂସ୍କୃତିକ ପରମ୍ପରାରେ ପ୍ରାଚୀନ କଳିଙ୍ଗ ଆପଣାର ସାଂସ୍କୃତିକ ବୈଚିତ୍ର୍ୟକୁ ନେଇ ଥିଲା ବେଶ୍ ସୁପରିଚିତ । ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳ, ତ୍ରିବିଧ ବୈଚିତ୍ର୍ୟର ସମାହାରରେ ଏହାର ସଂସ୍କୃତି ଥିଲା ବର୍ଣ୍ଣାଢ଼୍ୟ । ମୁଖ୍ୟତଃ କୃଷିଭିତ୍ତିକ ଜୀବନଧାରାକୁ ଆଦରି ନେଇଥିବା ଏହି ଜନଜାତି ପରବର୍ତ୍ତୀ ସମୟରେ ବହୁ କାର୍ଯ୍ୟକ୍ରମ ମାଧ୍ୟମରେ ଆପଣାର ଆଧ୍ୟାତ୍ମିକ ବିଶ୍ୱାସ, ସାଂସ୍କୃତିକ ବୈଶିଷ୍ଟ୍ୟକୁ ବିଭିନ୍ନ ପୂଜାପାର୍ବଣ, ମେଳଣ ମହୋତ୍ସବ ମାଧ୍ୟମରେ ପାଳନ କରୁଥିବା ଲକ୍ଷ୍ୟ କରିହୁଏ । ଏହି ଧାରାରେ ଫାଲଗୁନ ମାସର ଦୋଳପୂର୍ଣ୍ଣିମା ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ନେଇ ପାଳିତ ହୋଇଥାଏ । ଦୋଳପୂର୍ଣ୍ଣିମା ପାଳନର ଏକ ସ୍ୱତନ୍ତ୍ର ମହତ୍ତ୍ୱ, ଗଂଜାମ ସହରର ଦୋଳ ମହୋତ୍ସବ ଅବସରରେ ଲକ୍ଷ୍ୟ କରିହୁଏ ।

ଗଂଜାମ ସହରର ଦୋଳ ମହୋତ୍ସବ ଖୁବ୍ ପ୍ରାଚୀନ କାଳରୁ ପାଳିତ ହୋଇ ଆସୁଥିବା ବିଶ୍ୱାସ କରାଯାଏ । ସମ୍ଭବତଃ ୧୭୮୩ ମସିହାରୁ ଗଂଜାମ କଲେକ୍ଟର ସ୍ନଡଗ୍ରସ୍‌ଙ୍କ ଉଦ୍ୟମରେ ଏହା ମେଳଣ ପଡ଼ିଆ ଅଭାବରେ ଜାତୀୟ ରାଜପଥରେ ପାଳନ କରିବା ଏବଂ ଏହି ମର୍ମରେ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ବନ୍ଦ ରହିବା ନିମନ୍ତେ ତମ୍ବାପଟାରେ ଲିଖିତାଦେଶ ରହିଥିଲା । ତାହା ଏଯାବତ୍ ପାଳନ ହୋଇ ଆସୁଥିଲା, କିନ୍ତୁ ଗତ କିଛି ବର୍ଷ ଧରି ବାଇପାସ୍ ଦେଇ ଗାଡ଼ି ଯାତାୟାତ କରିବା ଫଳରେ ଗଂଜାମ ସହର ଦେଇ ଯାଇଥିବା ରାସ୍ତା ବନ୍ଦର ଆବଶ୍ୟକତା ଦୂର ହୋଇଛି । ଲୋକମୁଖରେ ପ୍ରଚଳିତ ଅଛି ଯେ ସାମନ୍ତରା ସାହି ନିବାସୀ ସୁପ୍ରସିଦ୍ଧ ସାମନ୍ତରା ବଂଶର ଆଧ୍ୟାତ୍ମବାଦୀ ପୁରୁଷ ସ୍ୱର୍ଗତଃ ଗଦାଧର ସାମନ୍ତରାୟ ଏହି ଯାତ୍ରାକୁ ଆରମ୍ଭ କରିଥିଲେ । ଏହି ଆଧ୍ୟାତ୍ମିକ ପୁରୁଷ ବୃନ୍ଦାବନରେ ଦୀର୍ଘ ୪୫ ଦିନ ବ୍ୟାପୀ (ଶ୍ରୀପଞ୍ଚମୀ ଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ) ପାଳିତ ହୋଇ ଆସୁଥିବା ଦୋଳପର୍ବକୁ ୫ ଦିନ ମଧ୍ୟରେ (ଫାଲ୍‌ଗୁନ ଶୁକ୍ଳ ଏକାଦଶୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ) ପାଳନ କରିବା ନିମନ୍ତେ ବୃନ୍ଦାବନର ଆଧ୍ୟାତ୍ମମଣ୍ଡଳୀ ଠାରୁ ସ୍ୱୀକୃତି ଲାଭ କରିଥିଲେ । ସେହିଠାରୁ ଶ୍ରୀ ଶ୍ରୀ ମଦନମୋହନ ଗୋପାଳ ସ୍ୱାମୀ ମହାପ୍ରଭୁ କୃଷ୍ଣଙ୍କ ପ୍ରସ୍ତର ବିଗ୍ରହ ଓ ଶ୍ରୀ ଶ୍ରୀ ରାଧାରାଣୀଙ୍କ ପିତ୍ତଳ ବିଗ୍ରହ ଗଂଜାମ ଆଣିଥିଲେ । ପ୍ରବାଦ ଅଛି ଏହି ବିଗ୍ରହଗୁଡ଼ିକୁ ଆପଣାର ମସ୍ତକରେ ବହନ କରି ସେ ଦୀର୍ଘ ପଥ ଅତିକ୍ରମ କରି ଗଂଜାମ ଠାରେ ପ୍ରତିଷ୍ଠା କରିଥିଲେ । ଶ୍ରୀଯୁକ୍ତ ସାମନ୍ତରାୟ ଏକ ବିଶାଳ ପୋଖରୀ ନିର୍ମାଣ କରି ତା'ର ପଶ୍ଚିମକୂଳରେ ଶ୍ରୀ ଶ୍ରୀ ମଦନ ମୋହନ ଓ ଶ୍ରୀରାଧାରାଣୀଙ୍କ ବିଗ୍ରହ ପ୍ରତିଷ୍ଠା ପରିବା ସହ ଏହି ଦୋଳଯାତ୍ରା ପ୍ରଚଳନ କରିଥିଲେ । ଅତୀତରେ ମଦନମୋହନଙ୍କ ଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ କାଳକ୍ରମେ ପ୍ରତ୍ୟେକ ସାହିରେ ଗୋଟିଏ ଗୋଟିଏ ବିଷ୍ଣୁ ମନ୍ଦିର ନିର୍ମାଣ ନିମନ୍ତେ ସାହିବାସୀଙ୍କୁ ଉତ୍ସାହିତ କରିଥିଲା । ବିଭିନ୍ନ ସାହିରେ ଗଢ଼ିଉଠିଥିବା ଠାକୁର ମନ୍ଦିର ଏହି ଦୋଳ ଉତ୍ସବରେ ସାମଗ୍ରିକ ଭାବରେ ଯୋଗ ଦେଇଥିଲେ । ଗଂଜାମ ସହରରେ ଦୋଳଯାତ୍ରା ନିମନ୍ତେ ଶ୍ରୀପଞ୍ଚମୀ ତିଥିରୁ ଆୟୋଜନ ଆରମ୍ଭ ହୁଏ । ଶ୍ରୀପଞ୍ଚମୀ ଦିନ ସାହି ବାସିନ୍ଦାମାନେ ଆପଣା ଆପଣା ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଠାକୁରମାନଙ୍କୁ ଅବୀର ଲାଗି କରାନ୍ତି । ଫାଲଗୁନ ଏକାଦଶୀ ତିଥିରେ ଠାକୁରମାନେ ଶୋଭାଯାତ୍ରାରେ ବାହାରି ସାହି ପରିକ୍ରମା କରନ୍ତି । ଆଲଟ, ଚାମର, ଶଙ୍ଖ, ଘଣ୍ଟ, କାହାଳୀ ଓ ମୃଦଙ୍ଗର ତାଳେ ତାଳେ ସୁସଜ୍ଜିତ



ବିମାନ ଉପରେ ଆରୁଢ଼ ଠାକୁରମାନେ ପ୍ରତ୍ୟେକ ଘରର ଭୋଗ ଗ୍ରହଣ କରନ୍ତି । ଦ୍ୱାଦଶିଦିନ ରାତିରେ ଠାକୁରମାନେ ଶୋଭାଯାତ୍ରାରେ ବାହାରି ସାହି ପରିକ୍ରମା କରନ୍ତି । ନୃତ୍ୟଗୀତର କାର୍ଯ୍ୟକ୍ରମ ମଧ୍ୟ ଏହି ସମୟରେ ଅନୁଷ୍ଠିତ ହୋଇଥାଏ । ତ୍ରୟୋଦଶୀ ତିଥିରେ ପ୍ରତ୍ୟେକ ସାହିର ଠାକୁର ସୁଶୋଭିତ କୁଞ୍ଜ ବିମାନରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜାତୀୟ ରାଜପଥ ସଂଲଗ୍ନ ବଡ଼ବଜାରରେ ସମବେତ ହୁଅନ୍ତି । ଅପରାହ୍ଣରେ ଠାକୁରମାନେ ଛତ୍ରତୋରଣ, ସଙ୍ଗୀତ, ନାଚ ସହ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଠାକୁରମାନଙ୍କ ଭୋଗରାଗ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲେ, ଠାକୁରମାନଙ୍କ ପୂଜକମାନେ ପରମ୍ପରା ଅନୁଯାୟୀ ରାଜାଗ୍ନି ପ୍ରଜ୍ୱଳିତ କରିଥାନ୍ତି । ଠାକୁରମାନଙ୍କ ଆଗରେ ନାଚଗୀତର ଶୁଭାରମ୍ଭ କରାଯାଏ । ଜିଲ୍ଲାର ବହୁ ଅଞ୍ଚଳରୁ ହଜାର ହଜାର ଭକ୍ତ ଏହି ଉତ୍ସବରେ ଯୋଗ ଦେଇଥାନ୍ତି । ମାନବ ମନରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବା ସହ ଏଠାରେ ମନୋରଞ୍ଜନ ମାଧ୍ୟମରେ ଭାଇଚାରା ସୃଷ୍ଟି ହୋଇଥାଏ । ଗଂଜାମ ସହର ଦେଇ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଖୋଲିଯାଏ ଅସଂଖ୍ୟ ବିପଣୀ । ଆଖପାଖ ଅଞ୍ଚଳର ବିଭିନ୍ନ ଦ୍ରବ୍ୟ ଏଠାରେ ବିକ୍ରି ନିମନ୍ତେ ପ୍ରଦର୍ଶିତ ହୋଇଥାଏ । ଗଂଜାମ ସହର ବ୍ୟତୀତ ଦାମୋଦରପୁର, ପୁଇଁତୋଳା, ସୂର୍ଯ୍ୟନାରାୟଣପୁର ଓ ବିଞ୍ଚଣାପଲ୍ଲୀ ଆଦି ଗ୍ରାମର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ବିମାନ ମେଳଣ ଦାଣ୍ଡରେ ଏକତ୍ରିତ ହୁଏ । ଏଥି ମଧ୍ୟରେ ଗଂଜାମର ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବ ଓ ପୁଇଁତୋଳାର ଶ୍ରୀ ଶ୍ରୀ ବୀର ହନୁମାନଙ୍କ ବ୍ୟତୀତ ଅନ୍ୟ ସବୁଗୁଡ଼ିକ ଥାଏ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା । ପୂର୍ଣ୍ଣିମା ଦିନ ଅପରାହ୍ଣରୁ ଅବିରରେ ବିଭୂଷିତ ଭକ୍ତମାନଙ୍କ ଗହଣରେ ଠାକୁରମାନେ ମନ୍ଦିର ଫେରନ୍ତି । ଚଣା, ସାକର, ଆମ୍ବ ପ୍ରଭୃତି ଭୋଗଲାଗି ହେବାପରେ ପବିତ୍ର ଦୋଳଯାତ୍ରା ଉଦ୍‌ଯାପିତ ହୁଏ । ଗଂଜାମର ୧୩ଟି ସାହି ନିକଟସ୍ଥ ଦାମୋଦରପୁର, ପୁଇଁତୋଳା, ସୂର୍ଯ୍ୟନାରାୟଣପୁର ଓ ବିଞ୍ଚଣାପଲ୍ଲୀ ଗ୍ରାମର ସମସ୍ତ ଠାକୁର ଏହି ଦୋଳଯାତ୍ରାରେ ଅଂଶଗ୍ରହଣ କରିଥାନ୍ତି ।

ସଂକ୍ଷେପରେ କହିଲେ ଗଂଜାମର ଦୋଳଯାତ୍ରା ହେଉଛି ଏକ ସାମାଜିକ ମହୋତ୍ସବ । ଏହି ଅବସରରେ ବିଭିନ୍ନ ସାହିର ଜନତାଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖାଦେଇଥାଏ । ସାହି ସାହି ଭିତରେ ଶୋଭାଯାତ୍ରା ଓ ବିମାନ ସଜ୍ଜାକୁ ନେଇ ଆରମ୍ଭ ହୋଇଥାଏ ପ୍ରତିଯୋଗିତା । ଦୋଳଯାତ୍ରାକୁ ଅପୂର୍ବ ରୂପ ପ୍ରଦାନ କରିବା ପାଇଁ ସାମୂହିକ ଉଦ୍ୟମ ଆରମ୍ଭ ହୋଇଥାଏ । ଯଥାର୍ଥରେ କହିଲେ ଏହି ସମୟ ବେଳକୁ କୃଷିକର୍ମରୁ ସାମୟିକ ଅବ୍ୟାହତି ପାଇଥାଏ ସରଳ ମଣିଷ । ଏହି ଅବସର ସମୟକୁ ଭଗବତ୍ ଚେତନା ଜାଗ୍ରତ ଏବଂ ସାହି ସାହି ମଧ୍ୟରେ ସହୃଦୟତା ସୃଷ୍ଟି କରିବା ନେଇ ଏପରି ଏକ ଦୋଳ ମହୋତ୍ସବ ପରିକଳ୍ପିତ ହୋଇଥବା ଅଧିକ ସତ୍ୟ ମନେହୁଏ । ବିପୁଳ ଜନତାର ସମାବେଶ, ନୃତ୍ୟ, ଗୀତ ତାଳେ ତାଳେ ଓଡ଼ିଆ ମାନବର ଏକନିଷ୍ଠ ବିଶ୍ୱାସ ଓ ଭକ୍ତିଧାରାର ପ୍ରତିଫଳନକୁ ଏ ଅବସରରେ ଲକ୍ଷ୍ୟ କରିହୁଏ । ବାସ୍ତବିକ କହିବାକୁ ଗଲେ ଏହା ହେଉଛି ମାନବୀୟ ସଂପ୍ରୀତି ଓ ଆଧ୍ୟାତ୍ମିକ ଜାଗରଣର ଏକ ପ୍ରମୁଖ ଉତ୍ସବ ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭




# ଶିକ୍ଷାଦାନ, ଶିକ୍ଷା ଗ୍ରହଣରେ ନଥାଏ ଅବସର ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୋଣାର୍କ,(ପି.ଏନ) : ଶିକ୍ଷକତାକୁ ବୃତ୍ତିରୂପେ ଗ୍ରହଣ କରି ଜୀବିକା ନିର୍ବାହ କରୁଥିବା ଜଣେ ଶିକ୍ଷକ ଆଜୀବନ ଜଣେ ଛାତ୍ର। ଶିକ୍ଷା ଗ୍ରହଣ ଓ ଶିକ୍ଷାଦାନ ଉଭୟ ଜୀବନବ୍ୟାପି ପ୍ରକ୍ରିୟା। ପୁରାତନ ପ୍ରସ୍ତର ଯୁଗରୁ ଏଯାବତ୍ ମଣିଷ ଶତାବ୍ଦୀ ଶତାବ୍ଦୀ ଧରି ଶିଖିବା ଓ ଶିଖାଇବା ପ୍ରକ୍ରିୟାରେ ଲିପ୍ତ ରହି ଆସିଛି। ନିୟମାନୁଯାୟୀ ଜଣେ ଶିକ୍ଷକ ସରକାରୀ ଚାକିରୀରୁ ଅବସର ନେବାକୁ ବାଧ୍ୟ। କିନ୍ତୁ ବାସ୍ତବ ଅର୍ଥରେ ଶିକ୍ଷକତାର ଅବସର ନଥାଏ। ସରକାରୀ ବିଦ୍ୟାଳୟ ସହିତ ଗୋଷ୍ଠୀ ସଂପୃକ୍ତି ଆଧାରରେ ଜଣେ ଅବସରପ୍ରାପ୍ତ ଶିକ୍ଷକ ଇଚ୍ଛା ପ୍ରକାଶ କଲେ, ଆଜୀବନ ନିଃଶୁଳ୍କ ଶିକ୍ଷାଦାନ କରି ନିଜର ଶିକ୍ଷକତା ପ୍ରବୃତ୍ତି ଚରିତାର୍ଥ କରିପାରେ ବୋଲି ଗୋପ ମଣ୍ଡଳ ଶିକ୍ଷାଧିକାରୀ ରମେଶଚନ୍ଦ୍ର ଦାଶ କହିଛନ୍ତି। ଗୋପ ବ୍ଲକ ଅନ୍ତର୍ଗତ କୋଣାର୍କ ନିକଟ ମାଟିଆପଡା ନୋଡାଲ ଉପ୍ରା ବିଦ୍ୟାଳୟଠାରେ ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ କୁମାର ବିଶ୍ୱାଳଙ୍କ ନିମନ୍ତେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିରୂପେ ଯୋଗଦେଇ ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀ ଦାଶ ଉକ୍ତ ମତ ଦେଇଛନ୍ତି। ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟରର ଶିକ୍ଷକଶିକ୍ଷୟିତ୍ରୀ ଓ ମାଟିଆପଡା ନୋଡାଲ ଉପ୍ରା ସ୍କୁଲର ଛାତ୍ରଛାତ୍ରୀଙ୍କ ପକ୍ଷରୁ ନିକଟରେ ସରକାରୀ ବୃତ୍ତିରୁ ଅବସର ନେଇଥିବା ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ନିମନ୍ତେ ଆୟୋଜିତ ସଭାରେ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଶିବଦତ୍ତ ନାୟକ ପୌରୋହିତ୍ୟ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କାକଟପୁର ବ୍ଲକର ପ୍ରାକ୍ତନ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ଦାଶ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥିରୂପେ ଗୋପ ଏବିଇଓ ବ୍ରଜବନ୍ଧୁ ବେହେରା, ସିମିଳି ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ବିଶ୍ୱଜିତ୍ ସ୍ୱାଇଁ, ସମିତିସଭ୍ୟା ମିନତି ସାହୁ, ଶିକ୍ଷକ ସମନ୍ୱୟ ସମିତିର ସଂପାଦକ ସତ୍ୟନାରାୟଣ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଦେସ୍ଥଳି କ୍ଲଷ୍ଟର ସିଆରସିସି ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ମାଟିଆପଡା ସ୍କୁଲର ପ୍ରଧାନଶିକ୍ଷକ ସମ୍ରାଟ ଭଞ୍ଜ ଭୋଇ, ସହକାରୀ ଶିକ୍ଷକ ପ୍ରମୋଦ କୁମାର ବେହେରା, ସତ୍ୟଭାମା ରଥ, ଜ୍ୟୋସ୍ନାରାଣୀ ଦେବୀ, ବନ୍ଦନା ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ସେଠୀ, ଗନ୍ଧର୍ବ ସେନାପତିଙ୍କ ସମେତ ଛାତ୍ରଛାତ୍ରୀମାନେ ଆଦର୍ଶ ଶିକ୍ଷକ ସୁଶାନ୍ତ ସାରଙ୍କର ଗୁଣଗାନ କରିଥିଲେ। ବିଦ୍ୟାଳୟ ଓ କ୍ଲଷ୍ଟର ପକ୍ଷରୁ ଅତିଥିମାନେ ସୁଶାନ୍ତ ସାରଙ୍କୁ ଶାଲ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଭୈରବ ନୋଡାଲ କ୍ଲଷ୍ଟର ସିଆରସିସି ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶିକ୍ଷକ ରାମକୃଷ୍ଣ ମହାନ୍ତି ସମ୍ବର୍ଦ୍ଧନ ସଭାର ସଂଯୋଜନା କରିଥିଲେ। ସଭା ପରେ ମାଟିଆପଡା ଗ୍ରାମବାସୀ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ସୁଶାନ୍ତ ସାରଙ୍କୁ ଶୋଭାଯାତ୍ରାରେ ନେଇ ଜୁଣେଇସ୍ଥିତ ତାଙ୍କ ବାସଭବନରେ ଛାଡିଥିଲେ।

# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ



କେନ୍ଦୁଝର,(ପି.ଏନ): ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ସାମାଜିକ ଚେତନାର ବାର୍ତାବହ ବୋଲି ଜିଲ୍ଲାପାଳ ଆଶିଷ ଠାକରେ ମତବ୍ୟକ୍ତ କରିଛନ୍ତି। ଚଳିତ ମାର୍ଚ୍ଚ ୧୬ ତାରିଖ ବୁଧବାର ଦିନ ଜିଲ୍ଲା ସଂସ୍କୃତି ଭବନ ଅଡିଟରିୟମ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିମାନଙ୍କର ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମତବ୍ୟକ୍ତ କରି ସମାଜର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଆଶାକର୍ମୀମାନେ ନିଜକୁ ଜଣେ ଜଣେ ସାମାଜିକ ଯୋଦ୍ଧା ଭାବି ସମାଜର ବହୁମୂଲ୍ୟ ସେବା କରିବାକୁ ଆହ୍ୱାନ ଜଣାଇଥିଲେ। ଉଦ୍‌ବୋଧନ ଛଳରେ ଜିଲ୍ଲାପାଳ କହିଥିଲେ ଯେ ଆଶାକର୍ମୀମାନେ ଯଥାର୍ଥରେ ସମାଜକୁ ଆଶାର କିରଣ ପ୍ରଦାନ କରୁଛନ୍ତି। ଖରା, ବର୍ଷା, ଶୀତକାକର ସହି ଅନେକ କଷ୍ଟ ସ୍ୱୀକାର ପୂର୍ବକ ମାଆ ଓ ଶିଶୁଙ୍କର ଯେଉଁ ସେବା କରୁଛନ୍ତି ତାର ପଟାନ୍ତର ନାହିଁ। ମା'ସିନା ନିଜ ସନ୍ତାନ ପାଇଁ କଷ୍ଟ ସହିଥାଏ, କିନ୍ତୁ ଆଶାକର୍ମୀମାନେ ଅନେକ ସନ୍ତାନ ପାଇଁ ଯେଉଁ କଷ୍ଟସ୍ୱୀକାର କରୁଛନ୍ତି ସେଥିପାଇଁ ପ୍ରଶଂସା ଯଥେଷ୍ଟ ହେବ ନାହିଁ ବୋଲି କହିବା ସହିତ ଆଶାମାନେ ଅଧିକ କ୍ରିୟାଶୀଳ ହୋଇ ନିଜର ଗାରିମା ବୃଦ୍ଧି କରିବାକୁ ଆହ୍ୱାନ ଜଣାଇଥିଲେ। ଏତଦ୍‌ବ୍ୟତୀତ ଆଶାକର୍ମୀମାନେ ନିଜର ସେବାମୂଳକ କାମ ପାଇଁ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇପାରିଛନ୍ତି ବୋଲି କହିବା ସହିତ ସେମାନେ ଗାଁର ଆଦର୍ଶ ବୋଲି ମତବ୍ୟକ୍ତ କରିଥିଲେ। ଏତଦ୍‌ବ୍ୟତୀତ ଗାଁରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଓ ସ୍ୱଚ୍ଛତାର ସୁଧାର କ୍ଷେତ୍ରରେ ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ଭୂମିକା ଉଲ୍ଲେଖନୀୟ ବୋଲି କହିଥିଲେ। ସାଧାରଣ ଲୋକମାନଙ୍କ ପାଇଁ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିମାନେ ଆଶା ଭରଷାର ବତୀଘର ବୋଲି କହିବା ସହିତ ସେମାନଙ୍କର କାର୍ଯ୍ୟ ପରିସରକୁ ଅଧିକ ସଂପ୍ରସାରିତ କରି ଜନସାଧାରଣଙ୍କୁ ମହନୀୟ ସେବା ଯୋଗାଇଦେବାରେ ନିୟୋଜିତ ରଖିବାକୁ ଆହ୍ୱାନ ଜଣାଇଥିଲେ। କୋଭିଡ୍ ମହାମାରୀ ସମୟରେ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ଯେଉଁ ପ୍ରକାରର ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ତାହାର ପଟାନ୍ତର ନାହିଁ ବୋଲି କହିବା ସହିତ ସେମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଆଶାମାନଙ୍କର କାର୍ଯ୍ୟ ଆଶା କିଟ୍ ଭିତରେ ସୀମିତ ହୋଇ ରହିନାହିଁ। ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର କାର୍ଯ୍ୟ ପରିସର ବ୍ୟାପକ ହୋଇଛି। ଆଶାକର୍ମୀମାନେ ନିଷ୍ଠା ଓ ଅଙ୍ଗୀକାର ସହ କାର୍ଯ୍ୟ କଲେ ଜିଲ୍ଲାର ସ୍ୱାସ୍ଥ୍ୟସେବାର ଚିତ୍ର ବଦଳିଯାଇ ପାରିବ ଏବଂ ସମାଜର ଅଶେଷ କଲ୍ୟାଣ ସାଧିତ ହୋଇପାରିବ। ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ଏ.ଏନ୍.ଏମ୍., ସ୍ୱୟଂ ସହାୟକ ଗୋଷ୍ଠୀ, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସିମିତି ସମ୍ମିଳିତ ଭାବେ ସେବା ଯୋଗାଇଦେଲେ ଲୋକମାନଙ୍କ ମୁହଁରେ ହସ ଫୁଟିବ। ଜିଲ୍ଲାରେ ଶିଶୁ ମୃତ୍ୟୁହାର,ମାତୃ ମୃତ୍ୟୁହାର ଏବଂ ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ଆଶାକର୍ମୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଉଚ୍ଚପ୍ରଶଂସା କରି ଆଗାମୀ ଦିନରେ ଏହାର ସଂପୂର୍ଣ୍ଣ ନିୟନ୍ତ୍ରଣ ପାଇଁ ସଂକଳ୍ପ ନେବାକୁ ଜିଲ୍ଲାପାଳ ଶ୍ରୀ ଠାକରେ ଆହ୍ୱାନ ଜଣାଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର ନିଜ ବକ୍ତବ୍ୟରେ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତମାନଙ୍କର ଉଲ୍ଲେଖନୀୟ ସେବା ନିମନ୍ତେ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମକୁ ରୂପାୟନ କରିବାରେ ସେମାନଙ୍କର ଯୋଗଦାନର ଭୂୟସୀ ପ୍ରଶଂସା କରିଥିଲେ। ଏଡିପିଏଚଓ (ଭିବିଡି) ଡାଃ ଦେବେନ ଦାସ, ଏଡିପିଏଚଓ(ଏଫ୍.ଡବ୍ଲ୍ୟୁ.) ଡାଃ ପ୍ରଣତିନୀ ନାୟକ, ଏଡିପିଏଚଓ(ଲେପ୍ରୋସି) ଡାଃ ସୁତକିର୍ତୀ ମହାନ୍ତି, ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟରନ ବରାଳ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦିଲ୍ଲିପ୍ କୁମାର ସାମନ୍ତରାୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଅନସୂୟା ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ଦେବାଙ୍ଗନା ବାରିକ ପ୍ରମୁଖ ନିଜ ନିଜ ବିଭାଗୀୟ କାର୍ଯ୍ୟକ୍ରମ ସଂପର୍କରେ ଜନସଚେତନତା ସୃଷ୍ଟି ପାଇଁ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଆସିଷ୍ଟାଂଟ୍ ମ୍ୟାନେଜର କମ୍ୟୁନିଟି ପ୍ରସେସ୍ ପ୍ରସନ୍ନ କୁମାର ଦେବତା ବାର୍ଷିକ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ସ୍ମରଣୀକା ନ୍ତଆଶାର କିରଣନ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉକ୍ତ ବାର୍ଷିକ ସମ୍ମିଳନୀରେ ଏହି ସମ୍ମିଳନୀରେ ଆଶାକର୍ମୀମାନେ ନିଜ ଅଭିଜ୍ଞତା ବାଂଟି ଥିଲେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ବାର୍ତା ପ୍ରଚାର କରିବାର ନମୁନା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସମାଜର ବହୁମୂଲ୍ୟ ସେବା କରିଥିବା ୦୬ ଜଣ ଆଦର୍ଶ ଆଶାକର୍ମୀ, ୧୩ ଗୋଟି ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି, ଶ୍ରେଷ୍ଠ ଗ୍ରାମ ପଂଚାୟତ, ୦୮ଟି ମହିଳା ଆରୋଗ୍ୟ ସମିତିକୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତା, ବିଭିନ୍ନ ସି.ଏଚ୍.ସି.ର ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର, ବ୍ଲକ୍ ଆକାଉଂଟ୍ ମ୍ୟାନେଜର, ବି.ଡି.ଏମ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆକାଉଂଟ୍ ମ୍ୟାନେଜର ମନୋଜ କୁମାର ରାଉତ, ଏ.ପି.ଏମ୍. ସନ୍ଦିପ୍ ବରଣ ଓଝା, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଏ.ଏମ୍. ଆଇସିବିସିସି ଅନନ୍ୟ ମିହିର, ଡିଏମଆରସିଏଚ୍ ସବିତା କୁମାରୀ ପଣ୍ଡା, ଆରବିଏସ୍‌କେ ମ୍ୟାନେଜର ବିଜନ ସାହୁ, ଡି.ଡି.ଏମ୍. ନିହାର ରନ ପଟ୍ଟନାୟକ, ଏଲ୍ ଏସ୍. ସୂର୍ଯ୍ୟ ପ୍ରକାଶ ପଣ୍ଡା, ଆଇସିଏ ଚିତରନ ଜେନାଙ୍କ ସେମେତ ଡିପିଏମ୍‌ୟୁର ସମସ୍ତ କର୍ମଚାରୀ ସମ୍ମିଳନୀ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସେବା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଦର୍ଶନୀ ମଣ୍ଡପ ମାନ ଖୋଲାଯାଇଥିଲା।

## ଆନନ୍ଦପୁର ପୌରପରିଷଦ ୧୪ ଓ ୧୫ନଂ ୱାର୍ଡରେ ବିଧାୟକଙ୍କ ପ୍ରଚାର

ଘଷିପୁରା,(ପି.ଏନ):ଆନନ୍ଦପୁର ପୌରପାଳିକାର ୧୪ ଏବଂ ୧୫ନଂ ୱାର୍ଡ ଘଷିପୁରା ଓ ମୁରାବାଲିରେ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଓ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ମିଳିତ ଭାବେ ୧୫ନଂ ୱାର୍ଡରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରି ଉଭୟ ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ ଓ ଦଳୀୟ କର୍ମୀଙ୍କୁ ନେଇ ପ୍ରଚାର ଜୋରଦାର କରିଥିଲେ। ଏହା ମଧ୍ୟରେ ୧୫ନଂ ୱାର୍ଡର ପ୍ରାର୍ଥିନୀ ଉର୍ବଶୀ ସାହୁ କର୍ମୀଙ୍କ ସହ ପଦଯାତ୍ରା କରି ଗେଟେ ସାହି, ଏଲ୍‌ଆଇସି କଲୋନୀ, ମେଡିକାଲ ରୋଡର ପ୍ରତ୍ୟେକ ଭୋଟରଙ୍କୁ ଭେଟି ଶଙ୍ଖ ଚିହ୍ନରେ ଭୋଟ୍ ଦେବାକୁ ନିବେଦନ କରିବା ସହି ୱାର୍ଡର ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇ ୱାର୍ଡର ବିକାଶ ଦିଗରେ ହାତ ବଢାଇବା ପାଇଁ ନିବେଦନ କରିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସମ୍ପାଦକ ମନୋରନ ସାହୁ, ୱାର୍ଡ ସଭାପତି ଅକ୍ଷୟ ସାହୁ, ଅଜୟ କୁମାର ସାହୁ, ମହେଶ୍ୱର ସାହୁ, ବିଶ୍ୱନାଥ ସାହୁ, ନିରନ ସାହୁ, ତୋଫାନ୍ ସାହୁ, ବିଜୟ କୁମାର ସାହୁ, ଗଣେଶ୍ୱର ମହାକୁଡ, ଆଶିଷ କୁମାର ବେହେରା, ରବୀନ୍ଦ୍ର କୁମାର ଖଟୁଆ, ରଜତ କୁମାର ଖଟୁଆ, ପ୍ରଦୀପ ଖଟୁଆ ପ୍ରମୁଖ ସାମିଲ ହୋଇଥିଲେ।

## ଚତୁର୍ଥ ଥର ପାଇଁ ଭାମାମଣୀ ସରପଞ୍ଚ ଦାୟୀତ୍ୱ ନେଲେ

ଢେଙ୍କିକୋଟ, (ପି.ଏନ):କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମୂଷାଖୋରୀ ପଂଚାୟତର ସରପଂଚ ଭାବେ ଚତୁର୍ଥ ଥର ପାଇଁ ବିଜୟୀ ହୋଇ ଭାମାମଣୀ ଦାସ ଦାୟୀତ୍ୱ ଗ୍ରହଣ କରିଛନ୍ତି। ତାଙ୍କର ଲୋକପ୍ରିୟତା, ସମାଜସେବା ଓ ଗ୍ରାମ ପଂଚାୟତର ବିକାଶ ଦିଗରେ ତାଙ୍କର ଯେଉଁ ଭୂମିକା ରହିଛି ସେଥିପାଇଁ ପୁଣି ଥରେ ଭୋଟରମାନେ ତାଙ୍କୁ ବିଜୟୀ କରିଛନ୍ତି। ପ୍ରଥମେ ସରପଂଚ ଭାମାମଣୀ ଦାସ ସମସ୍ତ ୱାର୍ଡମେମ୍ବର ଓ ସମିତିସଭ୍ୟାଙ୍କ ସହିତ ମିଶି ପଞ୍ଚାୟତ ଗୃହରେ ପୂଜାପାଠ, ହୋମଯଜ୍ଞ କରିଥିଲେ। ଆଜି ପଂଚାୟତର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ଗହଣରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ପରେ ସେ ଦାୟୀତ୍ୱ ଗ୍ରହଣ କରିଛନ୍ତି। ପରେ ପରେ ତାଙ୍କୁ ଫୁଲତୋଡା ଓ ପୁଷ୍ପମାଲ୍ୟ ଅର୍ପଣ କରି ବାଜା ବଜାଇ ବାଣ ଫୁଟାଇ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିଇଓ ଅକ୍ଷୟ କୁମାର ସାହୁ, ଜିଆରଏସ୍ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବିରେନ୍ଦ୍ର ବାରିକ, ଈଶ୍ୱର ଦାସ,ସମସ୍ତ ମେମ୍ବର ଏବଂ ସମିତିସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

## ମୋ ସ୍କୁଲ ଅଭିଯାନ ସଂଗଠନର ଆଲୋଚନା ବୈଠକ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହ ଠାରେ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନର ପରସ୍ପର ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ବ୍ଲକ ଅଧିକାରୀ ଅଭିମନ୍ୟୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନା ବୈଠକରେ ମୁଖ୍ୟ ଅପେରଟିଂ ଅଫିସର ଅମରଜିତ୍ ଜେନା,ଜୋନାଲ ମନିଟରିଂ ଅଫିସର ମିସ୍ ମୈତ୍ରୀ, ଡକୁମେଣ୍ଟ ଅଫିସର ଐଶ୍ୱର୍ଯ୍ୟା ସାମନ୍ତ, ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଉମାକାନ୍ତ ରାଉତ, ଘଷିପୁରା ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ, ପୂର୍ବତନ ଶିକ୍ଷାଧିକାରୀ ଶରତ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଆଲୋଚନା ବୈଠକରେ ଆନନ୍ଦପୁର, ଘଷିପୁରା ବ୍ଲକର ୧୦୩ଟି ବିଦ୍ୟାଳୟର ସଭାପତି, ପ୍ରଧାନଶିକ୍ଷକ ଓ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ମୁଖ୍ୟ ଅପରେଟର ଶ୍ରୀ ଅମରଜିତ୍ ଜେନା ମୋ ସ୍କୁଲ ଅଭିଯାନର ବିଭିନ୍ନ କାର୍ଯ୍ୟର ଦିଗ୍‌ଦର୍ଶନ ଦେଇଥିଲେ।

## ଭଗାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଭଗାମୁଣ୍ଡା,(ପି.ଏନ):କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀଙ୍କ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଗୋଷ୍ଠୀକେନ୍ଦ୍ର ପରିସର, ବଗିଚା, ରାସ୍ତା, କୋଲଡ୍ ରୁମ୍, ଷ୍ଟୋର ରୁମ୍, ଲେବର ରୁମ୍ ପ୍ରଭୃତିକୁ ସଫା କରାଯାଇଥିଲା।

## ବେଆଇନ୍ ବାଲି ଚାଲାଣ ଅଭିଯୋଗରେ ଦୁଇ ଟ୍ରାକ୍ଟର ଓ ଗୋଟିଏ ହାଇୱା ଜବତ ସହ ଜୋରିମାନା

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ତହସିଲ ପକ୍ଷରୁ ବେଆଇନ୍ ବାଲି ଚାଲାଣ ଅଭିଯୋଗରେ ଦୁଇଟି ଟ୍ରାକ୍ଟର ଓ ଗୋଟିଏ ହାଇୱା ଜବତ କରିବା ସହ ଜୋରିମାନା ଆଦାୟ କରାଯାଇଥିବା ଜଣାପଡିଛି। ସୂଚନା ଅନୁସାରେ ମଙ୍ଗଳବାର ଦିନ ବେଆଇନ୍ ବାଲି ନେଉଥିବା ଦୁଇଟି ଟ୍ରାକ୍ଟରକୁ ବେଲବାହାଳୀ ଠାରେ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ଓ ଅତିରିକ୍ତ ତହସିଲଦାର ନରେନ୍ଦ୍ର କୁମାର ସେଠୀ ଜବତ କରିଥିବା ବେଳେ ଅନୁରୂପ ଭାବେ ଆନନ୍ଦପୁର ମହାବିଦ୍ୟାଳୟ ସମ୍ମୁଖରୁ ଏକ ହାଇୱାକୁ ଜବତ କରିଥିଲେ। ଜୋରିମାନା ବାବଦରେ ୪୫ ହଜାର ଟଙ୍କା ଆଦାୟ କରାଯାଇଥିବା ତହସିଲ ପକ୍ଷରୁ ସୂଚନା ମିଳିଛି।

## ଚାରି ନମ୍ବର ୱାର୍ଡରେ କାଉନ୍‌ସିଲର ପ୍ରାର୍ଥୀ ଦୁର୍ଗା ଚରଣ ଦଳେଇ ଓ ବିଜେଡି ଅଧକ୍ଷା ପ୍ରାର୍ଥିନୀ ରଜନୀ ଖଟୁଆଙ୍କ ପ୍ରଚାର

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ପୌର ନିର୍ବାଚନ ପାଇଁ ରାଜନୈତିକ ମାହୋଲ ସରଗରମ ହୋଇଥିବା ବେଳେ ୪ନଂ ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ ଦୁର୍ଗା ଚରଣ ଦଳେଇ ଓ ଅଧକ୍ଷା ପ୍ରାର୍ଥିନୀ ରଜନୀ ଖଟୁଆ ୪ନଂ ୱାର୍ଡରୁ ପ୍ରଚାର ଆରମ୍ଭ କରି ଦଳେଇ ସାହି, କଂସାରୀ ସାହି, ରାଉଳସାହି, ତଳସାହି, ନାଏକ ସାହି, ନନ୍ଦୀ ସାହି, ଲକ୍ଷ୍ମୀବଜାର, ମହାନ୍ତିସାହି ଓ ମୁଖି ସାହି ଆଦିରେ ଘରକୁ ଘର ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଏବଂ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଉନ୍ନତି ମୂଳକ ଯୋଜନାମାନ ଭୋଟର ମାନଙ୍କ ନିକଟରେ ପହଞ୍ଚାଇବାରେ ସଫଳ ପ୍ରୟାସ କରିଥିବା ବେଳେ ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ କୁମାର ରାମ ନିର୍ବାଚନର ମଙ୍ଗ ଧରିଥିବା ଦେଖିବାକୁ ମିଳିଛି। ଏହି ପ୍ରଚାରରେ ବହୁ ସଂଖ୍ୟକ ବିଜେଡି କର୍ମୀ ସାମିଲ ହୋଇଥିବା ବେଳେ ୪ନଂ ୱାର୍ଡର ବିଜେଡି ୱାର୍ଡ ସଭାପତି ନୀଳମାଧବ ସାହୁ, ପୂର୍ବତନ କାଉନ୍‌ସିଲର ମମତାରାଣୀ ଜେନା, କାମିନୀ ସାହୁ, ପ୍ରିୟବ୍ରତ ସାହୁ, ପ୍ରଦୀପ ପାତ୍ର, ସାଗର ମୁଦୁଲିଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

## ପୌର ନିର୍ବାଚନ: ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ, ଶାନ୍ତି ଶୃଙ୍ଖଳା ସହିତ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲାରେ ପୌର ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ଉପରେ ଜିଲ୍ଲାପାଳ ଏବଂ ନିର୍ବାଚନ ପର୍ଯ୍ୟବେକ୍ଷକ ଗୁରୁତ୍ୱାରୋପ କରିଛନ୍ତି। ଏତଦ୍‌ବ୍ୟତୀତ ଆଦର୍ଶ ଆଚରଣବିଧି କଡାକଡି ଭାବେ ପାଳନ କରିବାକୁ ଚେତାବନୀ ଦେଇଛନ୍ତି। ଚଳିତ ମାର୍ଚ୍ଚ ୧୬ତାରିଖ ବୁଧବାର ଦିନ ଅପରାହ୍ନରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଦରବାର ହଲ୍ ଠାରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲ୍ଲା ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀକାନ୍ତ ବେହେରା, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ବରିଷ୍ଠ ଅର୍ଥ ସେବା ଅଧିକାରୀ ଗୁଣନିଧି ବେହେରା, ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ୍ ଅଫିସର ଶ୍ରୀମତୀ ସୁଷମା ବିଲୁଙ୍ଗ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇ




ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଜିଲ୍ଲାରେ ଚାରୋଟି ମୁନିସିପାଲଟି ଓ ଗୋଟିଏ ବିଜ୍ଞାପିତ ଅଂଚଳ ପରିଷଦ ପାଇଁ ନିର୍ବାଚନ ପରିଚାଳନା ପ୍ରକ୍ରିୟା ଏବଂ ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ନିର୍ବାଚନ ପର୍ଯ୍ୟବେକ୍ଷକ ଦ୍ୱୟ ମଧ୍ୟ ଉଦ୍‌ବୋଧନ ଦେଇ କେନ୍ଦୁଝର ଜିଲ୍ଲାରେ ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ପରିଚାଳନା ନିମନ୍ତେ ସକ୍ରିୟ ସହଯୋଗ କରିବାକୁ ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କୁ ନିବେଦନ କରିଥିଲେ। ବିଶେଷତଃ ଆଦର୍ଶ ଆଚରଣବିଧିର କଡାକଡି ଅନୁପାଳନ, ସ୍ପର୍ଶକାତର ବୁଥ୍ ମାନଙ୍କରେ ପୋଲିସ୍ ମୁତୟନ, ଆଇନ୍ ଶୃଙ୍ଖଳା ରକ୍ଷା, ନିର୍ବାଚନ ପ୍ରକ୍ରିୟାରେ ଅସତ୍ ଉପାୟ ଅବଲମ୍ବନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ବିଭିନ୍ନ ମୁନିସିପାଲଟି, ବିଜ୍ଞାପିତ ଅଂଚଳ ପରିଷଦରେ କାଉନ୍‌ସିଲର ଏବଂ ଅଧ୍ୟକ୍ଷ /ଅଧ୍ୟକ୍ଷା ପଦ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ଖର୍ଚ୍ଚ ସୀମା, ପ୍ରାର୍ଥୀ ଏବଂ ଦଳ ବ୍ୟବହାର ନିମନ୍ତେ ଯାନ ଯାଞ୍ଚ ଅନୁମତି, ପ୍ରାର୍ଥୀମାନେ କିପରି ଖର୍ଚ୍ଚ ରେଜିଷ୍ଟାରରେ ଲିପିବଦ୍ଧ କରିବେ ସେ ସମ୍ପର୍କରେ ବିଶଦ୍ ଭାବେ ଅବଗତ କରାଇ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ ଜିଲ୍ଲା ଷ୍ଟ୍ରଙ୍ଗ ରୁମ୍‌ରୁ ଚଳିତ ମାର୍ଚ୍ଚ ୧୭ତାରିଖ ଦିନ ବିଭିନ୍ନ ପୌରପାଳିକା ନିମନ୍ତେ ନିଯୁକ୍ତ ହୋଇଥିବା ନିର୍ବାଚନ ଅଧିକାରୀ ମାନଙ୍କ ପାଖକୁ ଇଭିଏମ୍ ପଠାଯିବ। ଚଳିତ ମାର୍ଚ୍ଚ ୩୧ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ଆନନ୍ଦପୁର ମିନିସିପାଲଟି ପାଇଁ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ, ବଡବିଲ ମୁନିସିପାଲଟି ପାଇଁ ବଡବିଲ ମୁନିସିପାଲଟି କଲ୍ୟାଣ ମଣ୍ଡପ ଠାରେ, ଚମ୍ପୁଆ ଏନ୍‌ଏସି ପାଇଁ ଚମ୍ପୁଆ ଟାଉନ୍‌ହଲ୍ ଠାରେ, ଯୋଡା ମୁନିସିପାଲଟି ପାଇଁ ଯୋଡା ବ୍ଲକ ଅଫିସ୍ ଠାରେ ଓ କେନ୍ଦୁଝରଗଡ ମୁନିସିପାଲଟି ପାଇଁ କେନ୍ଦୁଝର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଇଭିଏମ୍ କମିଶନିଂ କରାଯିବ ବୋଲି ଜିଲ୍ଲାପାଳ ସୁଚନା ଦେଇଥିଲେ। ଏତଦ୍‌ବ୍ୟତୀତ ସୁରକ୍ଷିତ ଭାବେ ଇଭିଏମ୍ ରଖିବା ପାଇଁ ଷ୍ଟ୍ରଙ୍ଗ ରୁମ୍ ବ୍ୟବସ୍ଥା ସୂଚନା ଦେଇଥିଲେ।

## ପୋଲରୁ ଖସିଲା ୧୨ ଚକିଆ ଟ୍ରକ, ଅଳ୍ପକେ ବର୍ତିଲେ ଚାଳକ

ଚଣ୍ଡିଖୋଲ,(ପିଏନ):ବୁଧବାର ଅପରାହ୍ନରେ ପାରାଦୀପରୁ ଆସୁଥିବା ଏକ ୧୨ ଚକିଆ ଟ୍ରକ ଓଡି ୦୪ଏଚ୬୮୫୬ ଚଣ୍ଡିଖୋଲ ୫୩ ନ ଜାତୀୟରାଜପଥର ପୋଲ ତଳକୁ ହଠାତ ଖସିପଡିଥିଲା. ସେହି ସମୟରେ ୧୬ ନ ଜାତୀୟରାଜପଥରେ ପୋଲ ତଳେ ଏକ ପିକଅପ ଗାଡିଟି ଓଡି୦୬ଏଚ ୯୫୦୮ କଟକ ଆଡକୁ ଯାଉଥିଲା ଓ ଟ୍ରକଟି ଖସିପଡି ପିକଅପର ସାମ୍ନା ଭାଗରେ ପଡିଥିଲା ଫଳରେ ପିକଅପର ସାମ୍ନା ଭାଗ କ୍ଷତି ଘଟିଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ଟ୍ରକର ଚାଳକ ଦିପୁ ଦେହୁରୀଙ୍କୁ ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଚଣ୍ଡିଖୋଲ ପହଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଂଚି ଗାଡି ଦୁଇଟିକୁ ଉଠାଇବା ଫଳରେ ଜାତୀୟରାଜପଥରେ ଯାନବାହାନ ଯାତାୟାତ ହୋଇପାରିଥିଲା।

## ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି। ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି। ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି। ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜର୍‌ମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ। ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି। ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି। ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ। ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ। ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ। ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା।




# ତୃତୀୟ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

କୋଣାର୍କ (ପିଏନ୍): କୋଣାର୍କର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପ ପକ୍ଷରୁ କୋଣାର୍କ ଜଗନ୍ନାଥ ମନ୍ଦିର ପରିସରସ୍ଥ ସାଂସ୍କୃତିକ ମଣ୍ଡପରେ ଆୟୋଜିତ ହୋଇଯାଇଛି ତୃତୀୟ ଲୋକକଳା ମହୋତ୍ସବ। ଗତ ସୋମବାର ୧୪ ତାରିଖ ସନ୍ଧ୍ୟାରେ ଆୟୋଜିତ ଏହି ସାଂସ୍କୃତିକ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଅତିଥି ଭାବେ ନିହିତାର ସମ୍ପାଦକ ଭକ୍ତବିହାରି ମିଶ୍ର, ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଜୋଶୀ, କୋଣାର୍କ ଜଗନ୍ନାଥ ମନ୍ଦିରର ମୁଖ୍ୟ ଟ୍ରଷ୍ଟି ଅମରେଶ୍ୱର ନାୟକ ଓ ସମାଜସେବୀ ରାମକୃଷ୍ଣ ମହନ୍ତି ପ୍ରମୁଖ ଯୋଗ ଦେଇ ବିଲୁପ୍ତ ହୋଇଯାଉଥିବା ଲୋକକଳାର ପୁନରୁଦ୍ଧାର ପାଇଁ ନାଟ୍ୟଦୀପର ଉଦ୍ୟମକୁ ପ୍ରଶଂସା କରିଥିଲେ।



କରାଯାଇଥିଲା। ଏହି ଅବସରରେ କଳା ସଂସ୍କୃତି କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ନୃତ୍ୟଶିଳ୍ପୀ ନନ୍ଦିତା ପ୍ରିୟଦର୍ଶିନୀ ମହାନ୍ତ, ଓ ଲୋକ ଗୀତ ଗାୟକ କପିଳଚରଣ ମୁରୁଡିଙ୍କୁ ନାଟ୍ୟଦୀପ ପକ୍ଷରୁ ପ୍ରଶଂସାପତ୍ର, ଉପୋଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନୀତ କରାଯାଇଥିବା ବେଳେ ସମସ୍ତ କଳାକାରଙ୍କୁ ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଅଧୁନା ଜନମାନସରୁ ହଜିଯାଉଥିବା ଲୋକକଳାର ପୁନରୁଦ୍ଧାର ପାଇଁ ଏହି ପ୍ରୟାସ ଆଗକୁ ମଧ ଜାରିରହିବା ସହ ଆୟୋଜିତ ମହୋତ୍ସବରେ ଲୋକକଳାକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦିଚରଣ ସ୍ୱାଇଁ ଓ ସହ-ନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣା ସୂଚନା ଦେଇଛନ୍ତି। ଆୟୋଜିତ ଏହି ଉତ୍ସବକୁ ସୂର୍ଯ୍ୟମନ୍ଦିର ଭ୍ରମଣରେ ଆସୁଥିବା ପର୍ଯ୍ୟଟକ, କଳା ଓ ସଂସ୍କୃତିକୁ ଭଲ ପାଉଥିବା କଳାପ୍ରେମୀ ଦର୍ଶକମାନେ ମନଭରି ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା॥ ନାଟ୍ୟ ଦୀପ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ତୃତୀୟ ଲୋକକଳା ଉତ୍ସବକୁ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସଂସ୍କୃତି ବିଭାଗ, ନେହେରୁ ଯୁବ



ସାଂସ୍କୃତିକ ସନ୍ଧ୍ୟାର ପ୍ରଥମାର୍ଘ୍ୟରେ ପୁରୀର ଓଡିଶୀ ନୃତ୍ୟଶିଳ୍ପୀ ନନ୍ଦିତା ପ୍ରିୟଦର୍ଶିନୀ ମହାନ୍ତି ନୃତ୍ୟ ମାଧ୍ୟମରେ ରାଧ କୃଷ୍ଣଙ୍କ ରାସଲିଳାକୁ ନିଖୁଣଭାବେ ନୃତ୍ୟାଭିନୟରେ ପରିବେଷଣ କରିଥିଲେ। ଦ୍ୱିତୀୟ ସେପାନରେ କୋଣାର୍କର କଳାକାର କପିଳ ଚରଣ ମୁରୁଡି ଓ ସାଥି ଶିଳ୍ପୀମାନେ ଲୋକ ବାଦ୍ୟ ଓ ଲୋକ ଗୀତ ପରିବେଷଣ କରିଥିଲୋ। ତୃତୀୟ ଚରଣରେ କୋଣାର୍କର କଳାକାର ଭୀମଶେନ ପାତ୍ର ଓ ସାଥିଙ୍କ ପକ୍ଷରୁ ଏକତାର ବାଦନ



କେନ୍ଦ୍ରର ପୁରୀ ସହଯୋଗ କରିଥିବା ବେଳେ ନାଟ୍ୟଦୀପର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆନନ୍ଦପୁର କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରନ କୁମାର ସୁତାର, ସବ୍‌ଜଜ୍ ମହେଶ୍ୱତା ପରିଜା, ଏସ୍‌ଡିଜେଏମ୍ ରଶ୍ମୀରେଖା ପାତ୍ର ଓ ଜେଏମ୍‌ଏଫ୍‌ସି ପ୍ରବୀଣ କୁମାର ହୋତା, ଘଷିପୁରା ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ନ୍ୟାୟାଧିକାରୀ ମାନସୀ ପ୍ରଧାନ, ହାଟଡିହି ଦେଓ୍ୱାନୀ ଅଦାଲତ ତଥା ଜେଏମ୍‌ଏଫ୍‌ସି ପ୍ରତିମା ସାହୁ ପ୍ରମୁଖ ଆପୋଷ ସମାଧାନ ମାଧ୍ୟମରେ ୧୬୬ଗୋଟି ମକଦମା ମଧ୍ୟରୁ ୨୩ଗୋଟି ମକଦମାର ଫଇସଲା କରିଥିଲେ। ୯୪୪ଟି ବ୍ୟାଙ୍କ୍ ଋଣ ଆଦାୟ ପ୍ରାକ୍ ମକଦମାରୁ ୮୭ଟିର ସମାଧାନ କରାଯାଇ ମୋଟ୍ ୯ଲକ୍ଷ ୫୦ହଜାର ୪୩୭ଟଙ୍କା ପରିଶୋଧ କରାଯାଇଥିଲା।

## କେନ୍ଦୁଝର ଜିଲ୍ଲା ପରିଷଦ ଅଧ୍ୟକ୍ଷା ହେଲେ ସାଗରିକା ସାହୁ



କେନ୍ଦୁଝର (ପିଏନ୍): ବହୁ ପ୍ରତିକ୍ଷିତ କେନ୍ଦୁଝର ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ ଆଜି ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ୩୭ ଜିଲ୍ଲା ପରିଷଦ ସିଟ ବିଶିଷ୍ଟ ଏହି ପରିଷଦରେ ଗୋଟିଏ ପରିଷଦର ପ୍ରାର୍ଥୀଙ୍କ ଦେହାନ୍ତ ଯୋଗୁଁ ନିର୍ବାଚନ ହୋଇ ନ ଥିବାବେଳେ ଅବଶିଷ୍ଟ ୩୬ ଜିଲ୍ଲା ପରିଷଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେଥିରୁ ବିଜେଡି ୩୩ ଏବଂ ଭାଜପା ୩ଟି ଅକ୍ତିଆର କରିଥିଲା। ଚଳିତ ଥର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଅଣସଂରକ୍ଷିତ ରହିଥିବାରୁ ଅଧ୍ୟକ୍ଷ ପଦ ପାଇଁ ବହୁ ଆଶାବାଦୀ ଥିଲେ। ତେବେ ଶେଷ ମୁହୂର୍ତ୍ତରେ ବିଜେଡି ଜଣେ ମହିଳାଙ୍କୁ ସୁଯୋଗ ଦେଇଛି। ୩୧ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ସାଗରିକା ସାହୁଙ୍କୁ ପ୍ରାର୍ଥୀ କରିଥିଲା। ଭାଜପା ପକ୍ଷରୁ ଆନନ୍ଦପୁର ବ୍ଲକ ୩ ନମ୍ବର ଜୋନର ଅସୀମା ମିଶ୍ର ଙ୍କୁ ପ୍ରାର୍ଥୀ କରିଥିଲା। ବିଜେଡି ଅଧ୍ୟକ୍ଷା ପ୍ରାର୍ଥୀ ସାଗରିକା ସାହୁ ୩୩ ଟି ଭୋଟ ପାଇଥିବା ବେଳେ ଭାଜପା ପ୍ରାର୍ଥୀ ୩ଟି ଭୋଟ ପାଇଥିଲେ। ପୁଣି ଥରେ ଜଣେ ମହିଳାଙ୍କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା କରାଯିବା ଫଳରେ ବିଜେଡି ମହିଳାଙ୍କୁ ପ୍ରାଧାନ୍ୟ ଦେଉଥିବା ଆଲୋଚନା ହେଉଛି। ୨୦୧୨ ଜିଲ୍ଲା ପରିଷଦ ନିର୍ବାଚନରେ ପାଟଣା ବ୍ଲକରୁ ବିଜୁ ଜନତା ଦଳ ଟିକେଟରେ ନିର୍ବାଚିତ ଶାରୀଲତା ପୃଷ୍ଟି ଏହି ଜିଲ୍ଲା ପରିଷଦ ଅଧ୍ୟକ୍ଷା ହେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମନୋନୀତ ହୋଇ ପୁରା ପାଞ୍ଚବର୍ଷ ପୂରଣ କରିଥିଲେ। ୨୦୧୭ ମସିହାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷା ପଦବୀ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇ ସଦର ବ୍ଲକରୁ କମଳିନୀ ପାତ୍ର ନିର୍ବାଚିତ ହୋଇ ଅଧ୍ୟକ୍ଷା ପଦ ହାସଲ କରିପାରିଥିଲେ। ଦୀର୍ଘ ୧୫ବର୍ଷ ପରେ ଏହି ଗୁରୁତ୍ୱପୂର୍ଣ୍ଣ ଆସନଟି ଅସଂରକ୍ଷିତ ହୋଇଥିଲେ ମଧ ଏଥର ବିଜେଡି ଜଣେ ମହିଳାଙ୍କୁ ସୁଯୋଗ ଦେଇଛି। ବିଜେଡି କ୍ରମାଗତ ୩ ଥର ମହିଳା ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ ଦେଇଛି।

## ବ୍ୟାନର ଚିରାକୁ ନେଇ ଚର୍ଚ୍ଚା

ଆନନ୍ଦପୁର (ପିଏନ୍): ଆନନ୍ଦପୁର ପୌର ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରଚାର ପ୍ରକ୍ରିୟା ଭିଡାଭିଡି ଲାଗି ରହିଛି। ଏହି କ୍ରମରେ ଭୋଟରଙ୍କ ନିକଟରେ ନିଜ ସମର୍ଥକଙ୍କ ବୃଦ୍ଧି ଲକ୍ଷ୍ୟରେ ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ବ୍ୟାନର ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି। ତେବେ ୧୬ଗୋଟି ଓ୍ୱାର୍ଡ ବିଶିଷ୍ଟ ଆନନ୍ଦପୁର ପୌରପରିଷଦରେ ୬ ଏବଂ ୭ନଂ ଓ୍ୱାର୍ଡ ସବୁବେଳେ ଚର୍ଚ୍ଚାର ପରିସରକୁ ଆସିଥାଏ। ଏକ ନିର୍ଦ୍ଦିଷ୍ଟ ପରିବାରର ପ୍ରଭାବ ସମ୍ପୃକ୍ତ ଓ୍ୱାର୍ଡରେ ତାଙ୍କ ସମର୍ଥକଙ୍କ ଜିତାପଟ ହେବାର ନଜିର ମଧ ରହିଛି।ଏଥିପାଇଁ ଉଭୟ ୬ ଏବଂ ୭ନଂ ଓ୍ୱାର୍ଡରେ ରାଜନୈତିକ ମାହୋଲ ଚଳଚଞ୍ଚଳ ହୋଇ ପଡିଥିବା ବେଳେ ବ୍ୟାନର ଚିରା ରାଜନୀତିକୁ ନେଇ ଅସନ୍ତୋଷ ମଧ ଦେଖିବାକୁ ମିଳିଛି। ୭ନଂ ଓ୍ୱାର୍ଡରେ ବିଜେଡି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ରଣାଙ୍କର ଏକ ବ୍ୟାନର ଜନୈକ ବ୍ୟକ୍ତିଙ୍କ ଅନୁମତି କ୍ରମେ ତାଙ୍କ ଘରୋଇ ଜାଗାରେ ଲଗାଯାଇଥିଲା। ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହାକୁ ଚିରି ନେଇ ଯାଇଥିବା ଆନନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ଖୋଦ୍ ବିଜେଡି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ରଣା ଏହି ଅଭିଯୋଗ କରିଥିବା ସୂଚନା ମିଳିଥିବା ବେଳେ ୬ନଂ ଓ୍ୱାର୍ଡର କଂଗ୍ରେସ ପ୍ରାର୍ଥିନୀ ନଳିନୀ ପ୍ରଭା ସେଠୀଙ୍କର ଏକ ବ୍ୟାନର ଚିରା ଯାଇଥିବା ମଧ ଅଭିଯୋଗ ହୋଇଛି। ଯାହାକୁ ନେଇ ଏବେ ଅସନ୍ତୋଷ ବୃଦ୍ଧି ପାଇଛି।

# ହୋଲି ପାଇଁ ସ୍ୱାସ୍ଥ୍ୟ ସତର୍କତା



ହୋଲି ଆସୁଛି। ରଙ୍ଗର ଏହି ପର୍ବରେ ପରସ୍ପରକୁ ରଙ୍ଗ ଏବଂ ଫଗୁ ବୋଳିବା ପାଇଁ ଅନେକେ ଚାହିଁବସିଥାନ୍ତି। ସେଥିପାଇଁ ଅନେକେ ବଜାରରୁ ରଙ୍ଗ ଏବଂ ଫଗୁ କିଣିବାରେ ବ୍ୟସ୍ତ। ବଜାରରେ ବିଭିନ୍ନ କିସମର ରଙ୍ଗ ମିଳୁଛି। ଖାଲି ଆଖିକୁ ସୁନ୍ଦର ଦେଖାଯାଉଥିବା ରଙ୍ଗ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ ହେଉଛି।



କେତେକ ଲାଭଖୋର ବ୍ୟବସାୟୀ ଏହି ରଙ୍ଗ ଏବଂ ଫଗୁରେ ଇଞ୍ଜିନ ତେଲ ଏବଂ କାରଖାନାର ବର୍ଜ୍ୟ ତୈଳ ମିଶାଇଥାନ୍ତି। ଏଗୁଡ଼ିକ ଶରୀର ପ୍ରତି କ୍ଷତିକାରକ, ଏପରିକି ଶରୀରର ଅଙ୍ଗଗୁଡ଼ିକୁ ଅଚଳ କରିଦିଏ। ତେଣୁ ରଙ୍ଗ କିଣିବା ବେଳେ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। ବିଶେଷ କରି ପ୍ରାକୃତିକ ରଙ୍ଗର ବ୍ୟବହାର ଅଧିକ ମାତ୍ରାରେ କରନ୍ତୁ। ଜନହିତ ପାଇଁ ଧରିତ୍ରୀ ପକ୍ଷରୁ ଏପରି ରଙ୍ଗ ସମ୍ପର୍କରେ ସତର୍କ କରିଦିଆଯାଉଛି। ସ୍ୱସବୁଜ ରଙ୍ଗରେ କପର ସଲ୍‌ଫେଟ ମିଶିଥାଏ। ଏହା ଆଖି ରୋଗର କାରଣ ହେବା ସହ ମଣିଷକୁ ଅଣନିଃଶ୍ୱାସୀ କରିଥାଏ। ଏହାଛଡ଼ା ଏହି ରଙ୍ଗ ଆଂଶିକ ଭାବେ ଅନ୍ଧ କରିଦେଇଥାଏ। ସ୍ୱରୁପେଲି ରଙ୍ଗରେ ଆଲୁମିନିୟମ୍ କ୍ରେମାଇଟ ରହିଛି। ଏଥିଯୋଗୁଁ କର୍କଟରୋଗ ହେବାର ସମ୍ଭାବନା ଅଧିକ। ହାଲ୍‌କା ବାଇଗଣୀ ରଙ୍ଗରେ କ୍ରୋମିୟମ୍‌ବାଇଡାଇଡ୍ ମିଶିଥାଏ। ଏହି ରଙ୍ଗ ବ୍ୟବହାର କଲେ ଶ୍ୱାସରୋଗ ଏବଂ ଆଲର୍ଜି ସୃଷ୍ଟି ହୋଇଥାଏ। ନୀଳରଙ୍ଗରେ ଥିବା ପ୍ରୁସିଆନ୍ ବ୍ଲୁ ରାସାୟନିକ ଯୋଗୁ ବିଭିନ୍ନ ପ୍ରକାର ଚର୍ମରୋଗ ହେବା ସମ୍ଭାବନା ରହିଛି। ସ୍ୱଲାଲ ରଙ୍ଗରେ ମର୍କ୍ୟୁରି ସଲ୍‌ଫାଇଡ୍ ମିଶିଥାଏ। ସେଥିଯୋଗୁଁ ଚର୍ମ କର୍କଟ ସହ ମାନସିକ ଅବସାଦ, ପକ୍ଷାଘାତ ଏବଂ ଦୃଷ୍ଟିଦୋଷ ପରି ବିଭିନ୍ନ ରୋଗ ଦେଖାଯାଇଥାଏ। ଚକ୍ ଚକ୍ କରୁଥିବା ରଙ୍ଗଗୁଡ଼ିକରେ ଗୁଣ୍ଡକାଚ ମିଶିଥାଏ। ଏହାଛଡ଼ା ତରଳ ରଙ୍ଗରେ ଥିବା ଆଲ୍‌କାଲାଇନ୍ ପଦାର୍ଥ ଶରୀର ପ୍ରତି ବହୁ କ୍ଷତିକାରକ।

ବସନ୍ତ ଋତୁରେ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ ରଙ୍ଗ ଓ ଆନନ୍ଦର ମହୋତ୍ସବ ହୋଲି ପଡ଼ିଥାଏ। ରଙ୍ଗର ମହୋତ୍ସବରେ ସମସ୍ତେ ପରସ୍ପରକୁ ବନ୍ଧୁତ୍ୱ ଓ ଭଲପାଇବାର ପ୍ରତୀକ ସ୍ୱରୂପ ଫଗୁ ବା ରଙ୍ଗ ବୋଳିବା ପାଇଁ ଚାହିଁଥାନ୍ତି। ଚାହିଦାକୁ ଦୃଷ୍ଟିରେ ରଖି ବଜାରରେ ବିଭିନ୍ନ ପ୍ରକାର ରଙ୍ଗ ବିକ୍ରି ହୋଇଥାଏ। ସମସ୍ତଙ୍କ ପାଇଁ ସୁନ୍ଦର ଦିଶୁଥିବା ଏହି ରଙ୍ଗ ଯେ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ ହେଉଛି ତାହା ସମସ୍ତଙ୍କୁ ପ୍ରାୟ ଜଣାନଥାଏ। ବେଳେବେଳେ ଖବର ପ୍ରକାଶ ପାଇଥାଏ ଯେ ଏହି ରଙ୍ଗରେ ବର୍ଜ୍ୟତୈଳ ଓ ଇଞ୍ଜିନ୍ ତେଲ ମିଶିଥାଏ ଯାହାକି ଶରୀର ପାଇଁ କ୍ଷତିକାରକ।

ସବୁଜ ରଙ୍ଗରେ ଅନେକ କ୍ଷେତ୍ରରେ ସଲଫେଟ୍ ମିଶିଥାଏ ଯାହାକି ଜଣଙ୍କୁ ଅଣନିଶ୍ୱାସୀ କରିଦେଇଥାଏ। ସେହିପରି ରୂପେଲି ରଙ୍ଗରେ ଆଲୁମିନିୟମ କ୍ରୋମାଇଟର ଭାଗ ରହିଥାଏ ଯାହାକି କର୍କଟ ରୋଗର ସମ୍ଭାବନା ସୃଷ୍ଟି କରିଥାଏ। ହାଲ୍‌କା ବାଇଗଣୀ ରଙ୍ଗରେ କ୍ରୋମିୟମ ବାଇଡାଇଡ୍ ଶ୍ୱାସରୋଗ ଓ ଚର୍ମ ପାଇଁ ଆଲର୍ଜି ସୃଷ୍ଟି କରିଥାଏ। କେବଳ ସେତିକି ନୁହେଁ ନୀଳ ରଙ୍ଗରେ ଥିବା ପ୍ରୁସିଆନ୍ ବ୍ଲୁ ରାସାୟନିକ ଯୋଗୁଁ ଚର୍ମ ରୋଗର ସମ୍ଭାବନା ରହିଥାଏ। ଲାଲ ରଙ୍ଗରେ ମର୍କ୍ୟୁରୀ ସଲଫାଇଡ୍ ପକ୍ଷାଘାତ, ଦୃଷ୍ଟିଦୋଷ, ମାନସିକ ଅବସାଦ ସହ ଚର୍ମ କର୍କଟ ରୋଗର ସମ୍ଭାବନା ସୃଷ୍ଟି କରିଥାଏ। କେତେକ କ୍ଷେତ୍ରରେ ଚକ୍ ଚକ୍ କରୁଥିବା ରଙ୍ଗ ଗୁଡ଼ିକରେ ଆଧୁନିକ ପ୍ରଣାଳୀରେ ଚୂର୍ଣ୍ଣ କରି ଗୁଣ୍ଡକାଚ ଶରୀର ପାଇଁ ଘାତକ ହୋଇଥାଏ। ଏତଦ୍ ବ୍ୟତୀତ ତରଳ ରଙ୍ଗରେ ଥିବା ଆଲ୍‌କାଲାଇନ୍ ଶରୀର ପାଇଁ କ୍ଷତିକାର ସାବ୍ୟସ୍ତ ହୋଇଥାଏ। ଚକ୍ ଚକ୍ ହୋଇ ଆଖିକୁ ଭଲ ଦିଶୁଥିବା ଏହି ରଙ୍ଗଗୁଡ଼ିକ ଶରୀର ପାଇଁ ବିଭିନ୍ନ ରୋଗ ସମସ୍ୟା ସୃଷ୍ଟି କରିବାର ସମ୍ଭାବନାକୁ ବଢ଼ାଇ ଦେଇଥାଏ।

ରଙ୍ଗ ଖେଳିବା ପୂର୍ବରୁ ଦେହରେ ସ୍ୱାସ୍ଥ୍ୟ ଅନୁମୋଦିତ ଲୋସନ, ସ୍କିନ୍‌କ୍ରିମ ବ୍ୟବହାର କରିବା ସବୁଠାରୁ ଭଲ। ରଙ୍ଗ ଛଡ଼ାଇବା ପାଇଁ କିରୋସିନ୍, ବିଭିନ୍ନ ରାସାୟନିକ ପାଉଡର ବ୍ୟବହାର କରନ୍ତୁ ନାହିଁ। ରଙ୍ଗ ଖେଳ ସମୟରେ ଚର୍ମ ଓ ଆଖି ପ୍ରତି ସତର୍କ ରୁହନ୍ତୁ। ଜଳାପୋଡ଼ା କିମ୍ବା କୁଣ୍ଡେଇବା ସମସ୍ୟା ସୃଷ୍ଟି ହେଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ହୋଲି ଖେଳ ପାଇଁ ରଙ୍ଗ ବ୍ୟବହାରକୁ କେହି ମନା କରୁନାହାଁନ୍ତି କିନ୍ତୁ ଏହି ରଙ୍ଗ ଖେଳ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଯେପରି ନହେବେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ପ୍ରାୟତଃ ଦେଖାଯାଇଥାଏ ରଙ୍ଗ ଖେଳ ସମୟରେ କେହି କେହି ମୁଣ୍ଡରେ ବିଭିନ୍ନ ତରଳ ରଙ୍ଗ ବ୍ୟବହାର କରିଥାନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଏହା ମୁଣ୍ଡର ତ୍ରୁଟି ପାଇଁ ଯେପରି କ୍ଷତିକାରକ ନହେବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଆନନ୍ଦ ଓ ଭଲ ପାଇବାର ମହୋତ୍ସବର ହୋଲିରେ ଯଥାସମ୍ଭବ ନିଶାଦ୍ରବ୍ୟ ବ୍ୟବହାର ଠାରୁ ଦୂରେଇ ରୁହନ୍ତୁ। ସାଧାରଣତଃ ଟାଣ ଖରାକୁ ନିଶାଦ୍ରବ୍ୟ ସେବନ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦଜନକ ଅବସ୍ଥା ସୃଷ୍ଟି କରିଥାଏ। କିନ୍ତୁ ରଙ୍ଗ ଖେଳ ଯେପରି ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ନହୁଏ ସେଥିପ୍ରତି ଦୃଷ୍ଟି ଦେବା ବାଞ୍ଛନୀୟ। ସେହିପରି ହୋଲିରେ ରଙ୍ଗଖେଳ ସମୟରେ ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ସବୁ ଦିଗରୁ ସତର୍କ ହେବା ନିହାତି ଜରୁରୀ। ପବିତ୍ର ହୋଲି ଆପଣ ସମସ୍ତଙ୍କ ପାଇଁ ଶୁଭ ମଙ୍ଗଳର ପ୍ରତୀକ ହେଉ ଏହା ହିଁ କାମନା।

**ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ: ୯୧୩୨୪୩୩୩୩୩

## ତାଳପଦା ରାଜନୈତିକ ହିଂସାରେ ପୁଲିସ ଚୁପ ବସିଛି

ବାଲେଶ୍ୱର (ପିଏନ୍)- ଗତ ମାସ ୨୪ ତାରିଖରେ ଶେଷ ପର୍ଯ୍ୟାୟ ନିର୍ବାଚନ ସମୟରେ ରେମୁଣା ବ୍ଲକ ତାଳପଦା ପଞ୍ଚାୟତର ୪ ନମ୍ବର ମତଦାନ କେନ୍ଦ୍ରରେ ଅନ୍ୟ ଆଡ଼େ ନାମଥିବା ଜଣେ ବ୍ୟକ୍ତିଙ୍କୁ ବିରୋଧ କରିବାରୁ ପୋଲିଂ ଏଜେଂଟ ମନୋଜ ଦାସଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ତାଙ୍କ ପୁଅ ଅଜୟ ତାଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ନେବା ସମୟରେ ତାଳପଦା ଛକରେ ସୁଦର୍ଶନ ଦାସ ଏବଂ ତାଙ୍କର ୫୦ରୁ ଅଧିକ ସମର୍ଥକ ଆମ୍ବୁଲାନ୍ସରୁ ଘୋଷାରୀ ନେଇ ବାପ ପୁଅଙ୍କୁ ପୁଣି ଆକ୍ରମଣ କରିବାରୁ ଆମ୍ବୁଲାନ୍ସ ଚାଳକ ଭୟରେ ପଳାଇ ଯାଇଥିବା ଅଭିଯୋଗ ହୋଇଥିଲା। ଖବର ପାଇଁ ଖନ୍ତାପଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଡାକ୍ତରଖାନା ପଠାଇଥିଲେ। ଉଭୟ ବାପ ପୁଅଙ୍କୁ କଟକ ବଡ଼ଡାକ୍ତଖାନାରେ ଚିକିତ୍ସାଧୀନ ଅଛନ୍ତି। ଘଟଣା ସମ୍ପର୍କରେ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କ ସହିତ ୪୫ ଅନ୍ୟ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରିଥିଲେ ମଧ୍ୟ ସେମାନଙ୍କୁ ଗିରଫ କରିବା ପାଇଁ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଅଭିଯୁକ୍ତମାନେ ଗାଁରେ ବୁଲି ଲୋକଙ୍କୁ ଧମକ ଦେଉଥିବାରୁ ସେମାନେ ଭୟଭୀତ ଅବସ୍ଥାରେ ଅଛନ୍ତି।

## କଂଗ୍ରେସ ଦଳ ଛାଡି ବିଜେପିରେ ଯୋଗଦେଲେ ତୃପ୍ତିରାଣୀ

ଖଣ୍ଡପଡା (ପିଏନ୍): କଂଗ୍ରେସ ସଂଗଠନ ବେଳକୁ ବେଳ ଦୁର୍ବଳ ହେବାରେ ଲାଗିଛି। ଏପରି ସ୍ଥିତିରେ ଦଳ ଛାଡି ନେତା ଓ ନେତ୍ରୀମାନେ ଅନ୍ୟ ଦଳରେ ଯୋଗ ଦେବାରେ ଲାଗିଛନ୍ତି। ଏକଦା କଂଗ୍ରେସ ପ୍ରାର୍ଥୀନି ଭାବେ ନିର୍ବାଚନ ଲଢି ତୃପ୍ତିରାଣୀ ମିଶ୍ର ଖଣ୍ଡପଡା ଏନଏସି ଅଧ୍ୟକ୍ଷା ଆସନ ଅଳଂକୃତ କରିଥିବା ବେଳେ ଏବେ ପରିସ୍ଥିତି କ୍ରମେ କଂଗ୍ରେସ ହାତ ଛାଡି ସେ ବିଜେପି ଦଳରେ ଯୋଗଦେଇଛନ୍ତି। ବିଜେପିରେ ଯୋଗଦେବା ପରେ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଖଣ୍ଡପଡା ଏନଏସି ଅଧ୍ୟକ୍ଷା ପଦବୀ ନିମନ୍ତେ ଦଳୀୟ ଟିକେଟ ପ୍ରଦାନ କରିଛି। ବିଜେପି ପ୍ରାର୍ଥୀନି ଭାବେ ତୃପ୍ତିରାଣୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ପୌର ନିର୍ବାଚନରେ ଖଣ୍ଡପଡା ସହରବାସୀ ବିଜେପିକୁ ବିପୁଳ ପରିମାଣରେ ସମର୍ଥନ ଦେବେ। ତେଣୁ ତାଙ୍କର ବିଜୟ ସୁନିଶ୍ଚିତ ହେବ ବୋଲି ଏକ ସାକ୍ଷାତକାରରେ ଶ୍ରୀମତୀ ମିଶ୍ର ପ୍ରକାଶ କରିଛନ୍ତି।

## ସାମାଜିକ କର୍ମୀଙ୍କୁ ବିଜୁ ପଟ୍ଟନାୟକ ସେବା ସମ୍ମାନ



ଖଣ୍ଡପଡା (ପିଏନ୍): ଖଣ୍ଡପଡା ବ୍ଲକ ଅଧିନ ସିଧାମୂଳା ଗ୍ରାମର ସାମାଜିକ କର୍ମୀ ତଥା ସଂଗଠକ ଟିଟନ ସାହୁଙ୍କୁ ବିଜୁ ପଟ୍ଟନାୟକ ୧୦୬ତମ ଜୟନ୍ତୀ ପାଳନ ଅବସରରେ ବିଜୁ ପଟ୍ଟନାୟକ ସେବା ସମ୍ମାନ ପ୍ରଦାନ କରାଯାଇଥିବା ଜଣାଯାଇଛି। କଳିଙ୍ଗ ଏଜୁକେସନାଲ ଆଣ୍ଡ ସୋସିଆଲ ଓ୍ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏ ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକ କର୍ମୀ ଶ୍ରୀ ସାହୁଙ୍କୁ ଅତିଥିମାନେ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୂଚନାଯୋଗ୍ୟ ସାମାଜିକ କର୍ମୀ ଶ୍ରୀ ସାହୁ ସମଗ୍ର ରାଜ୍ୟରେ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ରହି ଅନେକ ଲୋକହିତକର କାର୍ଯ୍ୟ କରିଥିବାରୁ ଏହି ସମ୍ମାନର ଅଧିକାରୀ ହୋଇପାରିଥିବା ଜଣାଯାଇଛି।

## ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟୋପକରଣ ବଂଟନ



ଖଣ୍ଡପଡା (ପିଏନ୍): ଖଣ୍ଡପଡା ବ୍ଲକ ଅଧିନ ସିଧମୂଳାସ୍ଥିତ ଗୋକୁଳାନନ୍ଦ ଜୀଉ ବିଦ୍ୟା ମନ୍ଦିରରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟୋପକରଣ ବଂଟନ କରାଯାଇଛି। ସ୍ଥାନୀୟ ଅଂଚଳର ଶିକ୍ଷାବିତ ଗଙ୍ଗାଧର ଷଡଙ୍ଗୀ ବିଦ୍ୟାଳୟ କର୍ତୃପକ୍ଷଙ୍କୁ ଏହି ଉପକରଣ ଗୁଡିକ ପ୍ରଦାନ କରିଥିଲେ। ପାଠ୍ୟୋପକରଣ ଗୁଡିକ ପାଇ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଆନନ୍ଦ ପ୍ରକାଶ କରିଥିଲେ।

## ନାବାଳିକା ବିବାହକୁ ରୋକିଲା ଚାଇଲଡ ଲାଇନ



ଖଣ୍ଡପଡା (ପିଏନ୍): ଖଣ୍ଡପଡା ଥାନା ଅଧିନ ଖଳିସାହି ଗ୍ରାମର କୁମ୍ଭାରସାହିରେ ନୟାଗଡ ଚାଇଲଡ ଲାଇନ ଟିମ ଅଚାନକ ଚଢାଉ କରି ନାବାଳିକାର ବାପା ମା'ଙ୍କୁ ତାଗିଦ କରିବା ସହ ନାବାଳିକାର ବିବାହରେ ରୋକ ଲଗାଇବାରେ ସମର୍ଥ ହୋଇଛି। ସ୍ଥାନୀୟ ଅଂଚଳର ବସନ୍ତ ମୁଦୁଲି ତାଙ୍କ ନାବାଳିକା କନ୍ୟାକୁ ବିବାହ କରିବା ପାଇଁ ଯୋଜନା ଚଳାଇଥିବା ନେଇ ନୟାଗଡ ଚାଇଲଡ ଲାଇନ ଟିମକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା। ସୂଚନା ପାଇବା ପରେ ଚାଇଲଡ ଲାଇନ ପକ୍ଷରୁ ବିଭୁତି ଭୂଷଣ ବେହେରା, ସ୍ୱର୍ଣ୍ଣଲତା ଜେନା ଓ ସୁପରଭାଇଜର ଆରତୀ ଷଡଙ୍ଗୀ ପ୍ରମୁଖ ପୋଲିସ ଟିମ ସହ ନାବାଳିକାର ଘରକୁ ଯାଇ ଘଟଣାର ଖୋଳତାଡ କରିଥିଲେ। ୧୮ ବର୍ଷ ଅତିକ୍ରମ କରିବା ପରେ ନାବାଳିକାକୁ ବିବାହ ଦେବାକୁ ଚାଇଲଡ ଲାଇନ କର୍ତୃପକ୍ଷ କଡା ନିର୍ଦ୍ଦେଶ ଦେଇ ସେଠାରୁ ଫେରିଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ କାଉନସିଲରଙ୍କ ପ୍ରଶିକ୍ଷଣ ଶିବିର

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ କାଉନସିଲଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମିରନ ସେଠୀ ରେଡକ୍ରସ୍ ପତାକା ଉତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ ପ୍ରତାପ କିଶୋର ପଟ୍ଟନାୟକ ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥି ରୁପେ ଶିକ୍ଷାବିତ୍ ଅଯୋଧ୍ୟାନାଥ ନାୟକ ଯୋଗ ଦେଇ ପ୍ରଶିକ୍ଷଣ ଶିବିର ଆୟୋଜନର ମୁଖ୍ୟ ଲକ୍ଷ୍ୟ ସଂମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଶିକ୍ଷକ ଭାବେ ବିଜୟ କୁମାର ମହାପାତ୍ର ,ସୁପ୍ରଭା ଦେଇ ,ଅଶୋକ କୁମାର ପ୍ରଧାନ ,ନିରନ ପ୍ରଧାନ , ପରମାନନ୍ଦ ପରିଡା, ଗୋସ୍ୱାମୀ ଦାସ ପ୍ରମୁଖ ଶିବିରରେ



ଉପସ୍ଥିତ ଥିବା ନୟାଗଡ ଜିଲ୍ଲା ଅଧିନ ୮ଟି ବ୍ଲକ ଅଂଚଳର ୩୦ ଜଣ ଛାତ୍ରଛାତ୍ରୀ (ରେଡକ୍ରସ କାଉନସିଲର) ଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶିଶୁମାନଙ୍କ ସୁରକ୍ଷା ନେଇ ସୁପରଭାଇଜର ଆରତୀ ଷଡଙ୍ଗୀ ଛାତ୍ରଛାତ୍ରୀ ମାନଙ୍କୁ ସୁଚନା ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକ,ଜିଲ୍ଲା ରେଡକ୍ରସ ଅନୁଷ୍ଠାନର ସଂପାଦକ ପ୍ରକାଶଚରଣ ଶା', ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସନ୍ୟାସୀ ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ ।

# ପଦ୍ମପୁର ଏବିଡିଓଙ୍କୁ ତୁରନ୍ତ ବଦଳି କରାଯାଉ : ବିଜେପି

ଭୁବନେଶ୍ୱର, (ପି.ଏନ): ସରକାରୀ କଳ ଏବଂ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ଅଧିକାରୀଙ୍କ ସହାୟତାରେ ଶାସକ ବିଜେଡି ନିର୍ବାଚନ ଲଢୁଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ବରଗଡ ଜିଲ୍ଲା ପଦ୍ମପୁର ଏନଏସି ନିର୍ବାଚନରେ ଦେଖିବାକୁ ମିଳିଛି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି ।ବରଗଡ ଜିଲ୍ଲା ପଦ୍ମପୁର ଏନଏସିରେ ବିଜେଡି ତରଫରୁ ଶ୍ରୀମତୀ ସାବିତ୍ରୀ ବାଗ୍ ଚେୟାରମ୍ୟାନ୍ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି । ତାଙ୍କ ସ୍ୱାମୀ ଶ୍ରୀ ସୋନୁ ବାଗ୍ ମଧ୍ୟ ସେହି ପଦ୍ମପୁର ବ୍ଲକରେ ଗତ ୩ ବର୍ଷ ହେଲାଣି ଅତିରିକ୍ତ ବ୍ଲକ ଉପଖଣ୍ଡ ଅଧିକାରୀ (ଏବିଡିଓ) ଭାବେ କାର୍ଯ୍ୟ କରୁଛନ୍ତି । ଶ୍ରୀ ବାଗ୍ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ବରଗଡ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ଅଛନ୍ତି । ଶ୍ରୀ ବାଗ୍ ଜଣେ ସରକାରୀ ଅଧିକାରୀ ହେବା ସହ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ରହିବା ଏବଂ ତାଙ୍କ ପତ୍ନୀ ଶ୍ରୀମତୀ ସାବିତ୍ରୀ ବାଗ୍ ଶାସକ ବିଜେଡି ତରଫରୁ ପଦ୍ମପୁର ଏନଏସି ଚେୟାରମ୍ୟାନ ପ୍ରାର୍ଥୀ ହୋଇଥିବାରୁ ନିର୍ବାଚନ ପ୍ରଭାବିତ ହେବାର ଆଶଙ୍କା ରହିଛି । ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିପ୍ରେକ୍ଷୀରେ ଶ୍ରୀ ବାଗ୍‌ଙ୍କୁ ତୁରନ୍ତ ସେଠାରୁ ବଦଳି କରିବା ନିହାତି ଆବଶ୍ୟକ ଦାବୀରେ ଆଜି ଶ୍ରୀ ପୁରୋହିତଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି ।ରାଜ୍ୟ ନିର୍ବାଚନ ଆୟୋଗ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିବା ଶ୍ରୀ ପୁରୋହିତ କହିଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ଲିଗାଲ ସେଲ ସଂଯୋଜକ ରବି ଶଂକର ପଟ୍ଟନାୟକ, ହିତେଶ୍ ମହାପାତ୍ର, ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## କରୋନାରୁ ସୁସ୍ଥ ହେଲେ ୧୫୨

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ କରୋନା ସଂକ୍ରମଣରୁ ମଙ୍ଗଳବାର ଆଉ ୧୫୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୭୬ ହଜାର ୯୩୪ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ବୌଦ୍ଧ ଜିଲ୍ଲାରୁ ସର୍ବାଧିକ ୨୦ ଜଣ ଓ ନବରଂଗପୁର ଜିଲ୍ଲାରୁ ୧୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି ।

# ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର, (ପି.ଏନ): ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ରାଜ୍ୟସ୍ତରୀୟ ସମ୍ମିଳନୀ ଭୁବନେଶ୍ୱରର ଉତ୍କଳ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସମାଜରେ ଦିନକୁ ଦିନ ଦୁର୍ନୀତି ଓ ଭ୍ରଷ୍ଟାଚାର ଦୃତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଏହାଦ୍ୱାରା ସାଧାରଣ ଜନତା ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ଦୁର୍ନୀତିର ପ୍ରାଦୁର୍ଭାକୁ କିଛି ମାତ୍ରାରେ ପ୍ରତିହତ କରିବା ପାଇଁ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା ପକ୍ଷରୁ ଏହି ସମ୍ମିଳନୀ କରାଯାଇଛି । ସର୍ବଭାରତୀୟ ସାଧାରଣ ସମ୍ପାଦକ ଡଃ ବିପିନ ବିହାରୀ ମିଶ୍ର, ଉପସଭାପତି ଡ. ସୁକାନ୍ତି ମିଶ୍ର ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ନବ ନିର୍ବାଚିତ ଓଡ଼ିଶା ରାଜ୍ୟ ସଭାପତି ଭାବେ ଆଇନଜୀବୀ କିଶୋର ଚନ୍ଦ୍ର କରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସମ୍ମିଳନୀରେ ସମସ୍ତ କର୍ମକର୍ତ୍ତା ସାଧୁତା ଓ ନିର୍ଭିକତା ଭାବରେ କାର୍ଯ୍ୟ କରିବା ପାଇଁ ଶପଥ ନେଇଥିଲେ । ଏହି ସମ୍ମିଳନୀରେ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର କାର୍ଯ୍ୟକ୍ରମ ସଂଯୋଜକ ବାଳକୃଷ୍ଣ ରାଉତ, ଖୋର୍ଦ୍ଧା ଜିଲ୍ଲା ସଭାପତି ସୁରେଶ ଚୌଧୁରୀ, ସମ୍ପାଦକ ମାନସ ଦାସ, ରାଜ୍ୟ ଉପସଭାପତି ଡ. ଶିବ ବେହେରା, ଅନୁଗୁଳ ଜିଲ୍ଲା ସଭାପତି ଧୀରମୋହନ ରାୟ, ସମ୍ପାଦକ ଆଶୁତୋଷ ଦାସ, ପୁରୀ ଜିଲ୍ଲା ସଭାପତି ଦୀନମଣି ଦେବୀ, ବ୍ରହ୍ମପୁର ଜିଲ୍ଲା ସଭାପତି ରବି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ରେମୁଣା ରେ ୬ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର : ମୈଦାନରେ ୩ ସଦସ୍ୟ ଓ ୪୫ କାଉନସିଲର ପ୍ରାର୍ଥୀ

ବାଲେଶ୍ୱର ,(ପି.ଏନ); ନବ ଗଠିତ ରେମୁଣା ଏନଏସିରେ ହେଉଥିବା ନିର୍ବାଚନରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାରର ଶେଷ ଦିନରେ ୬ ଜଣ କାଉନସିଲର ପ୍ରାର୍ଥୀ ସେମାନଙ୍କ ନମାଙ୍କନ ପ୍ରତ୍ୟାହାର କରିନେଇଛନ୍ତି । ମୋଟ ୧୩ ଟି ୱାର୍ଡ଼ ପାଇଁ ୫୧ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ଚୁଡ଼ାନ୍ତ ଲଢ଼େଇରେ ୪୫ ଜଣ କାଉନସିଲର ପ୍ରାର୍ଥୀ ଓ ୩ ଜଣ ଅଧ୍ୟକ୍ଷ ପ୍ରାର୍ଥୀ ରହିଛନ୍ତି । ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ୨ ନଂ ୱାର୍ଡ଼ରୁ ୪ ଜଣ, ୩ ନଂ ୱାର୍ଡ଼ ରୁ ଜଣେ ଏବଂ ୭ ନଂ ୱାର୍ଡ଼ରୁ ଜଣେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରିଛନ୍ତି । ଆଦର୍ଶ ଆଚରଣ ବିଧି ପାଳନ କରାଯାଇ ସରକାରୀ ଜାଗାରେ ବ୍ୟାନର, ପୋଷ୍ଟର ଏବଂ କାନ୍ଥ ଲିଖନ କୁ ବାରଣ କରାଯାଇଛି । ପୂର୍ବରୁ ଲାଗିଥିବା ବ୍ୟାନର, ପୋଷ୍ଟର ହଟାଯିବା ସହ ଲେଖା ଉପରେ ରଙ୍ଗ ବୋଳା ଯାଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ବାଚନ ନିମନ୍ତେ କାର୍ଯ୍ୟକ୍ରମ ଯାରିରହିଛି ।

# ମାଧ୍ୟମିକ ସ୍ତରର ଜିଲ୍ଲା ସାଧନ ଗୋଷ୍ଠୀ ମାନଙ୍କର ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପି.ଏନ):ରାଜ୍ୟର ସମସ୍ତ ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କାର୍ଯ୍ୟର ଅଗ୍ରଗତି ଦିଗରେ ନ୍ୟସ୍ତ ହୋଇଥିବା ଟାସ୍କ ଫୋର୍ସ ଗୁଡିକ କ୍ରମାଗତ ଭାବରେ କାର୍ଯ୍ୟ କରୁଛନ୍ତି । ସମସ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସଠିକ୍ ଫଳାଫଳ ହାସଲ କରିବାରେ ସମର୍ଥ କରିବା ପାଇଁ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓ.ସେ.ପା) ତରଫରୁ ଏକ ତିନି ଦିନିଆ ଆବାସିକ ଜିଲ୍ଲା ସାଧନ ଗୋଷ୍ଠୀ ତାଲିମ କାର୍ଯ୍ୟକ୍ରମ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ୍, ଭୁବନେଶ୍ୱରଠାରେ ଆୟୋଜନ କରାଯାଇଛି ।ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓ.ସେ.ପା, ଅନୁପମ ସାହା ଏବଂ ସନତ କୁମାର ମହାନ୍ତି, ନିର୍ଦ୍ଦେଶକ, ରାଜ୍ୟ ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ଯେଉଁଥିରେ କି ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ଓ ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟକୁ ଅଂଶଗ୍ରହଣକାରୀମାନଙ୍କୁ ବିଶଦ ଭାବରେ ବୁଝାଇଥିଲେ ।ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ପିରାମଲ ଫାଉଣ୍ଡେସନର ମିଳିତ ସହଯୋଗରେ ନେତୃତ୍ୱ ଦକ୍ଷତା, ଏକବିଂଶ ଶତାବ୍ଦୀର ଦକ୍ଷତା, ପାଠ୍ୟକ୍ରମ ଓ ଏକ୍ସପୋଜର ପରିଦର୍ଶନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମକୁ ସୁଗମ କରିବା ନିମନ୍ତେ ତାଲିମ ସାମଗ୍ରୀ ପ୍ରସ୍ତୁତ କରାଯାଇଛି ।ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଯେ, ୫-'ଟି' ଅନ୍ତର୍ଗତ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଏବଂ ପ୍ରଧାନଶିକ୍ଷକମାନଙ୍କ ମଧ୍ୟରେ ନେତୃତ୍ୱର ବିକାଶ କରିବା । ଏହି କର୍ମଶାଳାରେ ସ୍ମାର୍ଟ ବୋର୍ଡ, ପ୍ରୋଜେକଫର, ମାଇକ୍ରୋସଫଫ ଅଫିସ୍ ଇତ୍ୟାଦି ବ୍ୟବହାର ପରି ଡିଜିଟାଲ୍ ଦକ୍ଷତା ବିକାଶ କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି ।ଏହି ତିନି ଦିନର କାର୍ଯ୍ୟସୂଚୀ ହେଉଛି ଯେ ଆତ୍ମ-ସଚେତନତା, ପ୍ରଶିକ୍ଷଣ ଏବଂ ପରାମର୍ଶ, ଦଳ ନିର୍ମାଣ, ଛାତ୍ରମାନଙ୍କ ପାଇଁ ଏକବିଂଶ ଶତାବ୍ଦୀର ଦକ୍ଷତା, ଜାତୀୟ ଶିକ୍ଷା ନୀତି ୨୦୨୦, ଇ-ବିଷୟବସ୍ତୁ ବିକାଶ ଏବଂ ଏକ୍ସପୋଜର୍ ପରିଦର୍ଶନର ଗୁରୁତ୍ୱ ଉପରେ ତାଲିମକୁ ସୁଗମ କରିବା । ଏତଦବ୍ୟତୀତ ଆଗାମୀ ସପ୍ତାହରେ ସମଗ୍ର ଶିକ୍ଷା ଯୋଜନାରେ କାର୍ଯ୍ୟ କରୁଥିବା ସମସ୍ତ ଜିଲ୍ଲାର ପ୍ରୋଗ୍ରାମର୍ ଏବଂ ତଥ୍ୟ ପରିଚାଳନା-ତଥା-ଯୋଜନା ସଂଯୋଜକମାନଙ୍କ ପାଇଁ ଡିଜିଟାଲ ଦକ୍ଷତା ଉପରେ ଏକ ୩ ଦିନିଆ ତାଲିମ କାର୍ଯ୍ୟକ୍ରମ କରାଯିବ ପାଇଁ ଧାର୍ଯ୍ୟ କରାଯାଇଛି ।

# ଶ୍ରୀମନ୍ଦିର ଘରିଦ୍ୱାର ଦର୍ଶନାର୍ଥୀଙ୍କ ପାଇଁ ଖୋଲାଯାଉ : ଡଃ ଜ୍ଞାନେନ୍ଦ୍ର

ଭୁବନେଶ୍ୱର, (ପି.ଏନ):- ଶ୍ରୀ ଜଗନ୍ନାଥଙ୍କ ଦର୍ଶନାର୍ଥୀମାନଙ୍କ ପ୍ରଚଣ୍ଡ ଖରାରେ ଦୟନୀୟ ଅବସ୍ଥା ବିଷୟରେ ଗଣମାଧ୍ୟମରୁ ଜାଣିବା ପରେ ପ୍ରଦେଶ କଂଗ୍ରେସ ସେବା ଦଳର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଗଭୀର ଚିନ୍ତାପ୍ରକଟ କରିଛନ୍ତି । ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଶୃଙ୍ଖଳିତ ଦର୍ଶନ ନାମରେ ସରକାରୀ ବାବୁମାନଙ୍କ ଅତ୍ୟାଚର ପୁରୀ ଶ୍ରୀମନ୍ଦିରରେ ତୁରନ୍ତ ବନ୍ଦ ହେଉ ଓ ଶ୍ରୀମନ୍ଦିରର ଘରିଦ୍ୱାରକୁ ଦର୍ଶନାଥୀଙ୍କ ପାଇଁ ତୁରନ୍ତ ଖୋଲାଯାଉ । ହଜାର ହଜାର ବର୍ଷ ତଳେ ଯେଉଁ ମହାମାନବ ମାନେ ଘରିଦ୍ୱାରର ପରିକଳ୍ପନା କରିଥିଲେ, ସେମାନଙ୍କର କଣ ଦୂରଦୃଷ୍ଟି ନଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି ? ପୁରୀ ଜିଲ୍ଲାପାଳ ନିଜେ ସଦର ମହକୁମାରେ ଉପସ୍ଥିତ ଥାଇ ମଧ୍ୟ ଏଭଳି ଅବସ୍ଥା ସୃଷ୍ଟି ହେଲା । କେହି ଜଣେ ସରକାରୀ ବାବୁ ଆହା କହିବାକୁ ଆସିଲେ ନାହିଁ, ପାଣି ଟିକେ ଦେବା ଦୂରର କଥା । ଶ୍ରୀଜଗନ୍ନାଥଙ୍କ ଅଶେଷ କୃପା ଯୋଗୁଁ କୌଣସି ପ୍ରକାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇନାହିଁ । ଜଗନ୍ନାଥଙ୍କ ଭକ୍ତ ବୋଲି ଦେଖାଇ ହେଉଥିବା ମୁଖ୍ୟମନ୍ତ୍ରୀଙ୍କୁ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଶ୍ରୀ ଜ୍ଞାନେନ୍ଦ୍ର ଦୃଢ ଦାବି କରିଛନ୍ତି ।

## ଯାଜପୁର ସହରସ୍ଥି ଲାଖବିନ୍ଧ ଇସ୍କନ ମନ୍ଦିର ପରିସରରେ ଗୌରପୂର୍ଣ୍ଣିମାର ବୈଠକ

ଯାଜପୁରଃ (ପି.ଏନ): ଚଳିତ ମାସ ୧୮/୦୩/୨୦୨୨ ରିଖ ଶୁକ୍ରବାର ହେବାକୁଥିବା ଶ୍ରୀ ଗୌରପୂର୍ଣ୍ଣିମା (ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଆବିର୍ଭାବ) ତିଥି ଉପଲକ୍ଷେ ଆନ୍ତରାଷ୍ଟ୍ରୀୟ କୃଷ୍ଣଚେତନା ସଂଘ ଲାଖବିନ୍ଧା ତରଫରୁ ଏକ ବୈଠକ ସଭ୍ୟ ସଭ୍ୟାଙ୍କ ଦ୍ୱାରା ଶ୍ରୀପାଦ ହରିଭୂଷଣ ଦାସଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଥିଲା । ଉକ୍ତ ବୈଠକରେ ନିମ୍ନଲିଖିତ କାର୍ଯ୍ୟସୂଚୀ ମାନ ଆସନ୍ତା ଶୁକ୍ରମାର ହେବା ନିମନ୍ତେ ସ୍ଥିରିକୃତ ହେଲା ଶୁକ୍ରବାର ୪.୩୦ ମିନିଟ୍ ମଙ୍ଗଳା ଆଳତୀ, ସକାଳ ୮ ଘଟିକାରୁ ଦର୍ଶନ ଆରମ୍ଭ ଏବଂ ସାକଳ ୮ ଘଟିକା ଠାରୁ ରାତ୍ର ପର୍ଯ୍ୟନ୍ତ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉକ୍ତ ବୈଠକରେ ପ୍ରାକ୍ତନ ସଭାପତି ପାଣ୍ଡ ଚରଣ ସାହୁ, ସଭାପତି ନରେଶ କୁମାର ରାଉତ, ଉପସଭାପତି ଜ୍ୟୋତିର୍ମୟ ନାଥଶର୍ମା, ବିଶ୍ୱମୋହନ ପତି, ଅଜୟ ଦାସ, ଶ୍ରୀକାନ୍ତ ନାୟକ, ଆନନ୍ଦ ବେହେରା, କରୁଣାକର ସାହୁ, ଶୁଭନାରାୟଣ ମିଶ୍ର, ଭାରତ ଚନ୍ଦ୍ର ସାହୁ, ସତ୍ୟବାନ ରଣର ପ୍ରମୁଖ ବୈଠକ ଉପସ୍ଥିଥିଲେ ।

# କେନ୍ଦ୍ରାପଡା ବ୍ଲକରେ ଯୋଗଦେଲେ ନବ ନିର୍ବାଚିତ ଅଧ୍ୟକ୍ଷା



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ପଞ୍ଚାୟତ ସମିତିର ନବ ନିର୍ବାଚିତ ଅଧ୍ୟକ୍ଷା ରଶ୍ମୀତା ସେଠୀ ବୁଧବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ନୂତନ ଅଧ୍ୟକ୍ଷାଙ୍କୁ ବିଡିଓ ବନ୍ଦନା ଖଟୁଆ, ସିଡିପିଓ କବିତା ନାୟକ, ଅତିରିକ୍ତ ବିଡିଓ ଅନିରୁଦ୍ଧ ବେହେରାଙ୍କ ସମେତ ସମସ୍ତ ନବ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ । ଏହି ସମୟରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ଜିଲ୍ଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା, ୬ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ୮ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ୫ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି , ଶିବ ପ୍ରସାଦ ଭଳ ପ୍ରମୁଖ ସେଠାରେ ପହଞ୍ଚି ନୂତନ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସେଠୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସେଠୀ ଏହି ଅବସରରେ କହିଛନ୍ତି ଯେ ସେ ବ୍ଲକର ୨୭ଟି ପଞ୍ଚାୟତର ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ସାଙ୍ଗରେ ନେଇ ବ୍ଲକର ବିକାଶ କାର୍ଯ୍ୟ କରିବି ।

# ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଙ୍ଘ ପକ୍ଷରୁ ଦିନିକିଆ ଧାରଣା

କେନ୍ଦ୍ରାପଡ଼ା,(ପି.ଏନ): ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଙ୍ଘ କେନ୍ଦ୍ରାପଡା ଡିଭିଜନାଲ ଶାଖା ପକ୍ଷରୁ କେନ୍ଦ୍ରାପଡା ଡାକ ଡିଭିଜନର ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଦିନିକିଆ ଧାରଣା ଦିଆଯାଇଥିଲା । ଶ୍ରମିକଙ୍କ ପାଇଁ ଥିବା ନୀତି ନିୟମକୁ ଚାପି ଦେବା, ନୂତନ ପେନସନ ସ୍କିମ ବଦଳରେ ପୁରୁଣା ପେନସନ ସ୍କିମ ଲାଗୁ କରାଯିବା, ଗ୍ରାମୀଣ ଡାକସେବକମାନଙ୍କୁ ପେନସନ ସ୍କିମରେ ସାମିଲ କରାଯିବା, ଗ୍ରାମୀଣ ଡାକସେବକଙ୍କ ସମେତ ସାର୍ବଜନିନ ଭାବେ ସମସ୍ତ ଡାକ କର୍ମଚାରୀଙ୍କ ପାଇଁ ସାମାଜିକ ନିରାପତ୍ତା ବ୍ୟବସ୍ଥା ଲାଗୁ କରାଯିବା, ଗ୍ରାମୀଣ ଡାକସେବକଙ୍କ ସହ ସମସ୍ତ ପ୍ରମୁଖ ଭାଗରେ ଥିବା କର୍ମଚାରୀଙ୍କ ପାଇଁ ବୀମା




ବ୍ୟବସ୍ଥା କରାଯିବା, ଡାକସେବା ସମେତ ସମସ୍ତ ସେବାରେ ଘରୋଇକରଣ ବନ୍ଦ କରାଯିବା, ଗ୍ରାମୀଣ ଡାକସେବକମାନଙ୍କୁ ସିଭିଲ ସର୍ଭାଣ୍ଟଙ୍କ ଷ୍ଟାଟସ ପ୍ରଦାନ ପ୍ରମୁଖ ଦାବିରେ ଏହି ଧାରଣା ଦିଆଯାଇଥିଲା ବୋଲି ସଙ୍ଘର କେନ୍ଦ୍ରାପଡା ଡିଭିଜନାଲ ସଭାପତି ନରେନ୍ଦ୍ର କୁମାର ତ୍ରିପାଠୀ ଏବଂ ଡିଭିଜନାଲ ସମ୍ପାଦକ ବିଜୟ କିଶୋର ଦାସ ସୂଚନା ଦେଇଥିଲେ । ଏହି ଧାରଣାରେ ଶରତ କୁମାର ହାତୀ, ଉତ୍ତମ ପ୍ରଧାନ, ରବୀନ୍ଦ୍ର ଲେଙ୍କା, ବିଜ୍ଞାନ ଦାଶ, ଶ୍ରୀଧର ସାହୁ, ଭଞ୍ଜ କିଶୋର ସାହୁ, ହରିହର ମହାନ୍ତି, ପ୍ରକାଶ ବେହେରା, ମଧୁସୁଦନ ଜେନା, ଦିପ୍ତିରଞ୍ଜନ ସ୍ୱାଇଁ, ସତ୍ୟବାନ ବିଶ୍ୱାଳ, ମନୋରଞ୍ଜନ ପରିଡା ପ୍ରମୁଖ ସଙ୍ଘର କର୍ମକର୍ତ୍ତା ଓ ସଭ୍ୟମାନେ ଯୋଗଦେଇଥିଲେ । ଆସନ୍ତା ୨୮ ଓ ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୨ଦିନିଆ ସର୍ବ ଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ସଙ୍ଘ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ସୁଙ୍ଗୁଡା ପଞ୍ଚାୟତ ସରପଞ୍ଚ ଓ ନିର୍ବାଚିତ ପ୍ରତିନିଧିଙ୍କ ଶପଥ ଓ ସମ୍ବର୍ଦ୍ଧନା ଉତ୍ସବ

ଚଣ୍ଡିଖୋଲ, (ପିଏନ) : ବଡଚଣା ବ୍ଲକ ସୁଂଗୁଡା ପଂଚାୟତର ନବନିର୍ବାଚିତ ସରପଞ୍ଚ ଶ୍ରୀମତୀ ଅଞ୍ଜୁଲତା ସ୍ୱାଇଁ ,ସମିତି ସଭ୍ୟା ସ୍ନିଗ୍ଧାରାଣୀ ସ୍ୱାଇଁ ଓ ନିର୍ବାଚିତ ପ୍ରତିନିଧିଙ୍କ ଶପଥ ପାଠ ଉଛବ ପଂଚାୟତ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସରପଂଚ ଅଞ୍ଜୁଲତା ସ୍ୱାଇଁ ଓ ତାଙ୍କର ସମର୍ଥକମାନେ ଏକ ବିରାଟ ଶୋଭାଯାତ୍ରାରେ ପଂଚାୟତର ବିଭିନ୍ନ ଗ୍ରାମ ପରିକ୍ରମାକରି ପଂଚାୟତ କାର୍ଯ୍ୟାଳୟରେ ପହଂଚିଥିଲେ। ପଂଚାୟତ କାର୍ଯ୍ୟାଳୟରେ ଶିକ୍ଷାବିତ କୁଳମଣି ନାୟକଙ୍କ ଅଧ୍ୟକ୍ଷତାରେ ଶପଥ ପାଠ ଓ ସମ୍ବର୍ଧନା ଉଛବ ଅନୁଷ୍ଠିତ ହୋଇଥିଲା ଓ ଏହାକୁ ପ୍ରମୋଦ କୁମାର ଜେନା ସଂଚାଳନ କରିଥିଲେ। ସଭାରେ ସରପଂଚ ଶ୍ରୀମତୀ ସ୍ୱାଇଁ,ସମିତି ସଭ୍ୟା ସ୍ନିଗ୍ଧାରାଣୀ ସ୍ୱାଇଁ, ନାଏବ ସରପଞ୍ଚ ସୁଜିତ ଜେନା, ୱାର୍ଡ ସଭ୍ୟ ଆଦିତ୍ୟ ବେହେରା,ସଭ୍ୟା ଗୀତାଞ୍ଜଳି ଜେନା,ଲକ୍ଷ୍ମୀପ୍ରିୟା ଜେନା,




ବିନତି ଜେନା, ଅନୁରାଧା ଜେନା ପ୍ରମୁଖ ଶପଥ ପାଠ କରିଥିଲେ। ବିଭିନ୍ନ ସଂଗଠନ ପକ୍ଷରୁ ସରପଞ୍ଚ ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି ଶପଥ ପାଠ ଉଛବରେ ପୂର୍ବତନ ସରପଂଚ ଅଖୟ ସ୍ୱାଇଁ, ପ୍ରାକ୍ତନ ସମିତି ସଭ୍ୟା ଶ୍ରୀମତୀ ସେବତୀ ଜେନା, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଯୋଗେନ୍ଦ୍ର ନାୟକ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶେଷଦେବ ନାୟକ, ବଡ଼ଚଣା ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ଶରତ ଚନ୍ଦ୍ର ଜେନା, ପ୍ରସନ ମାହାଲା, ଅର୍ଜୁନ ଚରଣ ଜେନା, ବୈକୁଣ୍ଠ ସାମନ୍ତରାୟ, ଲୋକନାଥ ସେନାପତି, ଯୁଧିଷ୍ଠିର ଜେନା, ଦିଗମ୍ବର ଜେନା ପ୍ରମୁଖ ବରିଷ୍ଠ ନାଗରିକମାନେ ଏହି ପଞ୍ଚାୟତକୁ ଏକ ବିକଶିତ ପଂଚାୟତରେ ଗଠନକରିବା ସହିତ ସରକାରଙ୍କ ଜନହିତକର କାର୍ଯ୍ୟକୁ ତ୍ୱରାନିତ୍ୱ କରିବାକୁ ପରାମର୍ଶ ଦେଇଥିଲେ.ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ମୁନସର,ରବୀନ୍ଦ୍ର ରାଉତ, ଆଶିଷ ଜେନା, ବିଜୟ ବ୍ରହ୍ମ, ଛବିନ୍ଦ୍ର ବାରିକ, ଟଫିରୁଦ୍ଦିନ ଖାଁ, କିଶୋର ଜେନା, ଧୀରେନ୍ଦ୍ର ସାହୁ,ସାଗର ଧଳ, ନବଜ୍ୟୋତି ଜେନା, ପ୍ରତାପ ନାୟକ, ଗୌରଙ୍ଗ ବିଶ୍ୱାସ ଓ ଅନିଲ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସନାତନ ନାୟକ ଧନ୍ୟବାଦ ଦେଇଥିଲେ।

# କେନ୍ଦ୍ରସଙ୍ଗୀତ ନାଟକ ଅକାଦମୀ ପ୍ରାୟୋଜିତ ଦ୍ୱିଦିବସୀୟ କଣ୍ଢେଇନାଟ ମହୋତ୍ସବ

ଭୁବନେଶ୍ୱର,୧୬।୩(ପି.ଏନ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମାର୍ଚ୍ଚ ମାସ ୨୧ ତାରିଖ ଦିନ ବିଶ୍ୱ କଣ୍ଢେଇ କଳା ଦିବସ ପାଳନ କରାଯାଏ। ଚଳିତ ବର୍ଷ ଏହି ଦିବସ ପାଳନ ଅବସରରେ କେନ୍ଦ୍ର ସଙ୍ଗୀତ ନାଟକ ଅକାଦମୀ ଓଡ଼ିଶାର କଣ୍ଢେଇ ନାଟ ମହୋତ୍ସବ ଆୟୋଜନ କରୁଛି। ଭାରତର ସ୍ୱାଧୀନତା ସଂଗ୍ରାମର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି କାର୍ଯ୍ୟକ୍ରମର ବିଶେଷ ଆୟୋଜନ। ଉତ୍ସବର ଆୟୋଜକ ଶ୍ରୀରାମ ଛାୟା ନାଟକ ଗବେଷଣା ପରିଷଦ, କୁଟାରୀମୁଣ୍ଡା,ଖମାର, ଅନୁଗୋଳ । ଏହି ଉତ୍ସବ ୨୧-୨୨ ମାର୍ଚ୍ଚ ୨୦୨୨ ରିଖ ଦୁଇଦିନ ଧରି କଣ୍ଢେଇନାଟ ଅନୁଷ୍ଠିତ ହେଉଅଛି। ୨୧ ମାର୍ଚ୍ଚ ୨୦୨୨ରିଖ ଉଦ୍‌ଘାଟନୀ ଉତ୍ସବରେ ଶ୍ରୀ ମହେଶ ସାହୁ, ମାନ୍ୟବର ସାଂସଦ, ଢେଙ୍କାନାଳ ଉଦ୍‌ଘାଟକ, ଶ୍ରୀ ରଞ୍ଜନ କୁମାର ଦାସ, ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ବିଶିଷ୍ଟ କଣ୍ଠଶିଳ୍ପୀ ଡକ୍ଟର ସୁଧା ମିଶ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିବେ। ଏହି ଉତ୍ସବରେ ଓଡ଼ିଶାର ଚାରୋଟି ଶୈଳୀର ଚାରୋଟି ଦଳ



କଣ୍ଢେଇନାଟ ପରିବେଷଣ କରିବେ । ରାବଣଛାୟା ଶୈଳୀରେ ପରିବେଷଣ କରିବେ, ଶ୍ରୀରାମ ଛାୟାନାଟକ ଗବେଷଣା ପରିଷଦ, କୁଟାରୀମୁଣ୍ଡା, ଅନୁଗୋଳଙ୍କ ଦ୍ୱାରା "ମହାଲକ୍ଷ୍ମୀ କଥା" ପରୁଷ ପ୍ରଧାନ ସମାଜ ବ୍ୟବସ୍ଥା ଓ ଅସ୍ପୃଶ୍ୟତା ବିରୋଧରେ ନାରୀ ପ୍ରତିବାଦ ସ୍ୱରର କାହାଣୀ ପରିବେଷଣ। ମା' ବାଗ୍‌ଦେବୀ କଣ୍ଢେଇ ନୃତ୍ୟ, ମନ୍ତ୍ରିପଡ଼ା, କେନ୍ଦ୍ରାପଡ଼ାଙ୍କ ଦ୍ୱାରା ସଖୀ କଣ୍ଢେଇ ନାଟ "ନାବକେଳି" ପରିବେଷଣ। ଗୋପଲୀଳା କଣ୍ଢେଇନାଟ "ଚକରା ବିଶୋୟୀ" ଆଦିବାସୀମାନଙ୍କ ଚେତନାରେ ସ୍ୱାଧୀନତାର ନିଆଁ ଜାଳିଦେଇଥିବା ବ୍ରିଟିଶ ଅପଶାସନ ବିରୋଧୀ ବ୍ୟକ୍ତିତ୍ୱ ଜୀବନଗାଥା କଣ୍ଢେଇ ନାଟ ଦ୍ୱାରା ପ୍ରଦର୍ଶିତ କରାଯିବ। ସେହିପରି ୨୨ ମାର୍ଚ୍ଚ ୨୦୨୨ ରିଖ ଦିନ ଗୁରୁ ମାଗୁଣି ଚରଣ କୁଅଁର ଅଧକ୍ଷ, ଡକ୍ଟର ସୁଧା ମିଶ୍ର ଓ ଶ୍ରୀ ଦିନେଶ ଦାଶ ଅତିଥି ଭାବେ ଯୋଗଦାନ କରି ଓଡ଼ିଶାରେ କଣ୍ଢେଇ ନାଟର ଭବିଷ୍ୟତ ଉପରେ ଆଲୋଚନା କରିବେ। ଶ୍ରୀ ଶ୍ରୀ ବିଶ୍ୱକର୍ମା କଳାକୁଞ୍ଜ, କେନ୍ଦୁଝରଗଡ଼ଙ୍କ ଦ୍ୱାରା ରାମଲୀଳା କଣ୍ଢେଇନାଟ "ସୀତା ବିବାହ" ଏବଂ ରାବଣଛାୟା ନାଟ୍ୟସଂଘ, ଓଡ଼ଶ, ଅନୁଗୋଳଙ୍କ ଦ୍ୱାରା ବୀର ସୁରେନ୍ଦ୍ର ସାଏ କଣ୍ଢେଇ ନାଟ ଦ୍ୱାରା ପରିବେଷଣ କରାଯିବ।

## ଧର୍ମଶାଳା ମୁନସୀ ମେଲଣ ପାଇଁ ପ୍ରସ୍ତୁତି

ଧର୍ମଶାଳା, (ପିଏନ୍): ଧର୍ମଶାଳା ମୁନସୀ ମେଲଣ ଆସନ୍ତା ୨୧ ତାରିଖରେ ହେବାକୁ ସ୍ଥିର ହୋଇଥିବା ବେଳେ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । କରୋନା ଯୋଗୁଁ ଗତ ୨ ବର୍ଷ ହେଲା ମୁନସୀ ମେଲଣ ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ଜାକଜମକରେ ପାଳନ କରିବାକୁ ସ୍ଥିର କରାଯାଇଛି। ଚଳିତ ବର୍ଷ କମିଟି ପକ୍ଷରୁ ୩୦ ଗୋଟି ବଡ ବିମାନ ଓ ୧୫ ଗୋଟି ସାନ ବିମାନକୁ କମିଟି ପକ୍ଷରୁ ନିମନ୍ତ୍ରଣ କରାଯାଇଛି । ଏଥିପାଇଁ ମେଲଣ ପଡିଆକୁ ପ୍ରସ୍ତୁତ କରାଯାଇଛି । ମେଲଣରେ ବିଭିନ୍ନ କିସମର ଉଠା ଦୋକାନ ଗୁଡିକ ପାଇଁ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ବିମାନରେ ଆସୁଥିବା ଠାକୁରବାଡିଆମାନେ କୋଭିଡ କଟକଣା ମାନି ଶୋଭାଯାତ୍ରା କରିବାକୁ କମିଟି ପକ୍ଷରୁ କୁହାଯାଇଛି । ଏନେଇ କମିଟିର ସଭାପତି ତଥା ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠିଙ୍କ ଅଧ୍ୟକ୍ଷତାରେ ଥାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କୋଭିଡ କଟକଣାକୁ ଗୁରୁତ୍ୱ ଦିଆଯାଇ ଗୋଟିଏ ସ୍ଥାନରେ ଅଧିକ ଲୋକ ରୁଣ୍ଡ ନହେବା ପାଇଁ ଅନୁରୋଧ କରାଯାଇଛି । ୨୧ ତାରିଖ ସନ୍ଧ୍ୟାରେ ମେଲଣ ଅନୁଷ୍ଠିତ ହୋଇ ୨୨ ତାରିଖରେ ଉଦଯାପିତ ହେବ। କମିଟି ପକ୍ଷରୁ ୨୧ ତାରିଖ ସନ୍ଧ୍ୟାରେ ଏକ ଭଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ସୁନ୍ଦରିଆ ସରପଂଚ ଦାୟିତ୍ୱ ନେଲେ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ସୁନ୍ଦରିଆ ପଞ୍ଚାୟତର ନୂତନ ସରପଞ୍ଚ ନିର୍ମଳ କୁମାର ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟ ନିର୍ବାହୀ ଅଧିକାରୀ ନବୀନ ଚନ୍ଦ୍ର ପରିଡା ନବ ନିର୍ବାଚିତ ସରପଞ୍ଚ ନିର୍ମଳ କୁମାର ଦାସଙ୍କୁ ସପଥ କରାଇଥିବା ବେଳେ ସମିତି ସଭ୍ୟ ଭାବେ ନିତ୍ୟାନନ୍ଦ ବିଶ୍ୱାଳ ଏବଂ ନାଏବ ସରପଞ୍ଚ ଭାବେ ମିନି ସାମଲ ମଧ ଏଥିରେ ସପଥ ନେଇଥିଲେ। । ଏହି ପଞ୍ଚାୟତରେ ୩ଜଣ ସରପଞ୍ଚ ପ୍ରାର୍ଥୀ ପୂର୍ବତନ ସରପଞ୍ଚ ଗାୟତ୍ରୀ ପରିଡାଙ୍କ ସ୍ୱାମୀ ଜୀବନାନନ୍ଦ ପରିଡା, ଅଭିଷେକ ବେହୁରା, ନିର୍ମଳ କୁମାର ଦାସ ପ୍ରତିଦ୍ୱନ୍ଦିତା କରୁଥିଲେ। ତେବେ ଶ୍ରୀ ଦାସ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦିଙ୍କ ଠାରୁ ୫୨୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ଶପଥ ପାଠ ପରେ ସରପଞ୍ଚ ଶ୍ରୀ ଦାସ ପଞ୍ଚାୟତ ର ବିକାଶ ଲାଗି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶ କ୍ରମେ ଜନସାଧାରଣଙ୍କ ପରାମର୍ଶ ସହଯୋଗ ଲୋଡିବେ ବୋଲି କହିଥିଲେ। ଏହି ଶପଥ ପାଠ ଉତ୍ସବରେ ସୁନ୍ଦରିଆର ପଞ୍ଚାୟତ ର ବିଜେଡି ସଭାପତି ହେମନ୍ତ



କୁମାର ଜେନା,ବରିଷ୍ଠ ସଭ୍ୟ ଶରତ କୁମାର ଦାସ,ରଶ୍ମୀରଞ୍ଜନ ପରିଡା,ଅମୁଲ୍ୟ କୁମାର ବାରିକ,ଦୁଃଶାସନ ସେଠୀ, ସପ୍ତସାଗର ଦାସ ପଞ୍ଚାୟ କାର୍ଯ୍ୟାଳୟରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥିରେ ନବ ନିର୍ବାଚିତ ୱାର୍ଡ ସଭ୍ୟା,ସଭ୍ୟ ସମେତ ପଞ୍ଚାୟତର ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ରହିଥିଲେ। ପରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହୋଇ ବିଭିନ୍ନ ପ୍ରକାରର ଗଛ ଲଗାଇଥିଲେ।

## ଦିଗହରା କଣିପାଟିଆ ପାନୀୟ ଜଳପ୍ରକଳ୍ପ


ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକର କଣିପାଟିଆ, ଗଙ୍ଗାଧରପୁର, ନୁଆଗାଁ ରାଜସ୍ୱ ଗ୍ରାମର ୬ ଗୋଟି ୱାର୍ଡ ନିମନ୍ତେ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଏହି ୬ଟି ୱାର୍ଡର ଜନସାଧାରଣ ପାନୀୟ ଜଳ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଯୋଗ୍ୟ, ସରକାର ସାଧାରଣ ଲୋକଙ୍କ ଘରକୁ ପାଣି ଯୋଗାଇଦେବା ପାଇଁ ପାଇପ ଯୋଗ ଜଳ ଯୋଗାଣର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏଠାରେ ପାଇପ ଖଣ୍ଡେ ବି ଯୋଗାଇ ଦିଆଯାଇନାହିଁ। ଦୀର୍ଘ ୩ବର୍ଷ ହେବ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲେ ହେଁ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଅପରପକ୍ଷରେ ସଂପୃକ୍ତ ଠିକାଦାର ଏହି ପ୍ରକଳ୍ପ କାମ କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ଉଠିଛି। ଆଗକୁ ଖରା ସମୟ ଆସୁଥିବାରୁ ପାନୀୟ ଜଳ ସମସ୍ୟା ଦ୍ୱିଗୁଣିତ ହେବ।

# ରାପିଡୋ ପକ୍ଷରୁ ଭୁବନେଶ୍ୱରରେ ହେଲମେଟ ସଚେତନତା ଅଭିଯାନର ଆୟୋଜନ

ଭୁବନେଶ୍ୱର,(ପି.ଏନ): ଭାରତର ସର୍ବବୃହତ ବାଇକ, ଟ୍ୟାକସି ଓ ଅଟୋ ପ୍ଲାଟଫର୍ମ ରାପିଡୋ ଭୁବନେଶ୍ୱରରେ ଏକ ହେଲମେଟ ସଚେତନତା ଆୟୋଜନ କରିଥିଲା ଯେଉଁଥିରେ ଏହାର ଯାତ୍ରୀ ଓ ଡ୍ରାଇଭର ପାର୍ଟନରଙ୍କ ସୁରକ୍ଷା ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସଡ଼କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବା ଲାଗି ଭୁବନେଶ୍ୱରରେ ଏଜି ଛକରେ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଥିବା କ୍ୟାପଟେନ ତଥା ଟ୍ରାଫିକ ପୋଲିସ ଅଧିକାରୀଙ୍କ ଆଦର୍ଶ ସେବାକୁ ସମ୍ମାନିତ କରିବା ନିମନ୍ତେ ଏହି ଅଭିଯାନ ଆୟୋଜନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ରାପିଡୋ ୧୫ ଜଣ କ୍ୟାପଟେନଙ୍କୁ ହେଲମେଟ ବଂଟନ କରିଥିଲା, ଯେଉଁମାନେ ଗ୍ରାହକଙ୍କ ମୂଲ୍ୟାୟନ ଓ ଗୁଣବତା ଉପରେ ଆଧାର କରି ମନୋନିତ ହୋଇଥିଲେ ଏହା ସହିତ ୧୦ ଜଣ ପୋଲିସ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପୋଲିସ ଷ୍ଟାଲୱାରଟଙ୍କ ଅନୁଗ୍ରହରେ ଆୟୋଜିତ ହୋଇଥିଲା ଯେପରିକି ଶ୍ରୀ ଏସ.ସୁଶ୍ରୀ (ଡିସିପି ଟ୍ରାଫିକ ଭୁବନେଶ୍ୱର ଓ କଟକ), ସ୍ୱସ୍ତିକ




ପାଣ୍ଡେ (ଏସିପି) ଓ ଦେବେନ୍ଦ୍ର କୁମାର (ଆଇଆଇସି) ପ୍ରମୁଖ ବ୍ୟକ୍ତି। ଏହି ଅଭିଯାନ ଉଦ୍ଦେଶ୍ୟ ହେଉଛି ଦୁଇ ଚକିଆ ଯାନରେ ହେଲମେଟ ପିନ୍ଧିବାର ଗୁରୁତ୍ୱ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା।କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ରାପିଡୋର ସହ ପ୍ରତିଷ୍ଠାତା ଅରବିନ୍ଦଶଙ୍କା କହିଛନ୍ତି ଯେ- ଭୁବନେଶ୍ୱର ରାପିଡୋ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଅଟେ ଓ ଏହି ସୁଯୋଗ ନେଇ ଆମେ ଭାରତୀୟ ସଡ଼କ ନିର୍ମାଣରେ ଧ୍ୟାନ ଦେଉଥିବା ପ୍ରେରଣା ଦାୟକ ଟ୍ରାଫିକ ପୋଲିସମାନଙ୍କୁ କୃତଜ୍ଞତା ଜଣାଇ ଆନନ୍ଦିତ। ଆମ କ୍ୟାପଟେନମାନଙ୍କ ଅବଦାନକୁ ମଧ୍ୟ ସାଧୁବାଦ ଜଣାଉଛୁ। ସେମାନଙ୍କ ନିଷ୍ଠା ଓ ସମର୍ପିତ ମନୋଭାବ ଦ୍ୱାରା ଯାତ୍ରୀମାନେ ସବୁଧା ଓ ସୁରକ୍ଷାର ସହ ଯାତ୍ରା କରିପାରୁଥିବାରୁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି।୨୦୨୧ରେ ଭାରତ ୩୮୯ଟି ଗୁରୁତର ସଡ଼କ ଦୁର୍ଘଟଣାକୁ ରେକର୍ଡ଼ କରିଥିଲା ଯାହା ପୂର୍ବ ବର୍ଷ ତୁଳନାରେ ୧୦% ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ଏହାଯୋଗୁ ୪୦୯ଟି ମୂଲ୍ୟବାନ ଜୀବନ ହାନି ଘଟିଛି। ଏହି ପରିପ୍ରେକ୍ଷୀରେ ରାପିଡୋ ସଚେତନତା ଅଭିଯାନ ଦୁଇଚକିଆ ଚାଳକ ପାଇଁ ଗୁରୁତ୍ୱ ରଖେ। ସଡ଼କ ନିୟମ ମାନିବା ସହ ହେଲମେଟ ପିନ୍ଧିବାର ଗୁରୁତ୍ୱକୁ ଲୋକମାନେ ଭଲ ଭାବେ ବୁଝିପାରିବେ। ଅଧିକନ୍ତୁ ଆମର ଟ୍ରାଫିକ ପୋଲିସ ଅଧିକାରୀ ଓ କ୍ୟାପଟେନଙ୍କ ପରି ହୀରୋମାନେ ସୁରକ୍ଷା ପ୍ରଦାନ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ହେଲମେଟ ସଚେତନତା ବ୍ୟତୀତ ରାପିଡୋ କ୍ୟାପଟେନ ଓ ଯାତ୍ରୀଙ୍କ ପାଇଁ ବୀମା ପରି ପ୍ରତ୍ୟେକ ପଦକ୍ଷେପ ପାଇଁ ହେଲମେଟ ଯୋଗାଇବା ସହ ଆହୁରି କେତେଗୁଡ଼ିଏ ପଦକ୍ଷେପ ନେଇଛି।ରାପିଡୋ ୨୦୧୮ରେ ଭୁବନେଶ୍ୱରରେ ଏହାର କାର୍ଯ୍ୟକୁ ବିସ୍ତାର କରିଥିଲା ବର୍ତମାନ ଏହା ୩ ଲକ୍ଷରୁ ଅଧିକ ଗ୍ରାହକମାନଙ୍କୁ ସେବା ପ୍ରଦାନ କରୁଛି। ଅଧିକନ୍ତୁ ୪୦,୦୦୦+ କ୍ୟାପଟେନଙ୍କୁ ଏହା ସ୍ଥାୟୀ ଉପାର୍ଜନ ମାର୍ଗ ପ୍ରଦାନ କରିଛି। ଯାତ୍ରୀମାନଙ୍କୁ ଉପଯୁକ୍ତ ସେବା ସୁବିଧା ଯୋଗାଇବା ପାଇଁ ରାପିଡୋ ସର୍ବଦା ଲକ୍ଷ୍ୟ ରଖିଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray